## ଯୁବ କଂଗ୍ରେସ ସଭାପତି ପଦରୁ ପ୍ରଭାତଙ୍କ ଇସ୍ତଫା

ରାଜନଗର (ଡି.ଏନ.ଏ.): ରାଜନଗର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପ୍ରଭାତ କୁମାର ରାଉଳ (ସୁନିଲ) ଶୁକ୍ରବାର ପଦରୁ ଇସ୍ତଫା ଦେଇଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ତଥା ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କୁ ଏ ନେଇ ଲିଖିତ ଭାବେ ଜଣାଇଛନ୍ତି। ମୋର ବ୍ୟକ୍ତିଗତ କାରଣ ପାଇଁ ଯୁବ କଂଗ୍ରେସ ପଦରୁ ଇସ୍ତଫା ଦେଉଛି ବୋଲି ଉଲ୍ଲେଖ କରିଛନ୍ତି। ସୁନିଲ ଦୀର୍ଘଦିନ ହେଲା ଛାତ୍ର କଂଗ୍ରେସ ଓ ପରେ ଯୁବ କଂଗ୍ରେସ ସଭାପତି ପଦ ସମ୍ଭାଳିବା ସହ ବହୁ ଦଳୀୟ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ନେଉଥିଲେ।

## ସଂକ୍ଷେପରେ

### ଅସଦାଚରଣର ଶିକାର ନାବାଳିକାଙ୍କ ଆତ୍ମହତ୍ୟା

ରାଜନଗର, ୨୭।୫(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ରାଜନଗର ତାଳଚୁଆ ସାମୁଦ୍ରିକ ଥାନା ଜଣେ ନାବାଳିକ ଗତ ୭ ତାରିଖରେ ଆତ୍ମହତ୍ୟା କରିଥିଲେ। ସେ ୯ମ ଶ୍ରେଣୀରେ ପାଠ ପଢୁଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ମୁତାବକ, ୭ ତାରିଖ ସନ୍ଧ୍ୟା ୭ ଘଟିକା ସମୟରେ ଗୋବିନ୍ଦପୁର ଗାଁକୁ ମେଳା ଦେଖିବାକୁ ଝିଅ ଯାଇଥିଲା। ସେଠାରେ ମେଳା ଦେଖିବା ବେଳେ ଗୋବିନ୍ଦପୁର ଗାଁର ଜଣେ ଯୁବକ ମୋ ଝିଅକୁ ନାନା ଭାଷା କହିବା ସହ ତା' ସହ ପାପ ସମ୍ପର୍କ ରଖିବାକୁ ବାଧ କରିଥିଲା। ମୋ ଝିଅ ରାଜି ନ ହେବାରୁ ସେ ଟଣା ଘୋଷଡା କରିଥିଲା। ସେ ସେଠାରୁ ଅପମାନିତ ହୋଇ କାନ୍ଦି କାନ୍ଦି ଆସି ଘରେ ରଶି ଲଗାଇ ଆତ୍ମହତ୍ୟା କରିଛି। ସେ ସମୟରେ ଘରେ ମୁଁ ଉପସ୍ଥିତ ନ ଥିଲି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବାକୁ ପଠାଇ ଦେଇଥିଲେ। ଝିଅର ମୃତ୍ୟୁ ସମ୍ପର୍କରେ ପୋଲିସ କୌଣସି ପଦକ୍ଷେପ ନେଉନାହିଁ ବୋଲି ବାପା ଏସ୍‌ଡିପିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କୁ ପଚାରିବାରୁ ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଅପମୃତ୍ୟୁ ମାମଲା ଥାନାରେ ରୁଜୁ ହୋଇଛି। ସେମାନେ ଅଭିଯୋଗ କରିବାକୁ ଚାହୁଁ ନ ଥିଲେ। ତାଙ୍କ ମାଆ ଅଭିଯୋଗରେ କୌଣସି ଅସଦାଚରଣ କିମ୍ବା କାହାରି ନାମ ଦେଇନାହାନ୍ତି। ଏହାବାଦେ ମୃତଦେହ ବ୍ୟବଚ୍ଛେଦ ପରେ ଥାନାକୁ ଆଉ ଅଭିଯୋଗ କରିବାକୁ ତାଙ୍କ ବାପା ଆସିନାହାନ୍ତି ବୋଲି ସେ କହିଛନ୍ତି।

### ଡାକ୍ତର, ନର୍ସ ପଦବୀ ପୂରଣ ପାଇଁ ଦାବି



କୁଜଙ୍ଗ, ୨୭।୫(ଡି.ଏନ୍.ଏ.): କୁଜଙ୍ଗଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲିପଡିଥିବା ଡାକ୍ତର ଓ ନର୍ସ ପଦବୀ ପୂରଣ ନିମନ୍ତେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଦାବି କରାଯାଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ କୁଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୦୬ରୁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଛି। ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ଲେଖାଏ ବିଶେଷଜ୍ଞ ନିଯୁକ୍ତ ହେବାର ନିୟମ ରହିଛି। ମାତ୍ର ଏଠାରେ ଜଣେ ମଧ ବିଶେଷଜ୍ଞ ନାହାନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକେ ରୋଗୀ ସେବାରୁ ବଞ୍ଚିତ ହେଉଛନ୍ତି। ୧୫ ଦିନ ମଧରେ ଖାଲି ପଡ଼ିଥିବା ପଦବୀ ପୂରଣ କରା ନ ଗଲେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅକ୍ଷୟ ଦାସ, ଦୁଷ୍ମନ୍ତ ନାଥଶର୍ମା, ଚୈତନ ଖଟୁଆ, ରାକେଶ ବେହେରା, ଗୌତମ ବାରିକ ପ୍ରମୁଖ ପ୍ରକାଶ କରିଛନ୍ତି।

# ବିରଳ ପ୍ରଜାତିର ଈଷତ୍ ଲାଲ ଗେଣ୍ଡାଳିଆ ଠାବ

ମହାକାଳପଡ଼ା,୨୭।୫ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସଂଲଗ୍ନ ପାଣିଖିଆ ଜଙ୍ଗଲ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଘୂରି ବୁଲୁଛନ୍ତି ଈଷତ ଲାଲ ରଙ୍ଗ ପର ଥିବା ୨ଟି ଗେଣ୍ଡାଳିଆ ପକ୍ଷୀ ଦେଖିବାକୁ ମିଳିଛନ୍ତି। ଖରାଦିନେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ପାଣି ଓ ଖାଦ୍ୟ ଅଭାବ ଯୋଗୁ ଏବେ ଜଙ୍ଗଲ ଛାଡ଼ି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଖାଲ ପାଟରେ ଗେଣ୍ଡା, ଶାମୁକା ଆଦି ଖାଇବାକୁ ଗେଣ୍ଡାଳିଆମାନେ ଧାଇଁ ଆସିଥାନ୍ତି।

ସାଧାରଣତଃ ଓଡ଼ିଶାର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମୌସୁମୀ ବାୟୁ ଆଗମନ ପୂର୍ବରୁ ଗେଣ୍ଡାଳିଆ ବହୁ ସଂଖ୍ୟାରେ ଆତଯାତ ହେଉଥିବା ଦେଖିବାକୁ ମିଳେ। ସାଧାରଣତଃ କଳା, ଧୂସର ଓ କଳା ଧଳା ରଙ୍ଗର ଗେଣ୍ଡାଳିଆ ଦେଖାଯାଇଥାନ୍ତି। ଏମାନଙ୍କ ଅଣ୍ଟ ଧୂସର ଓ କଳା ରଙ୍ଗର ହୋଇଥାଏ। ଶୁକ୍ରବାର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ନିକଟରେ ବିରଳ ପ୍ରଜାତିର ଗେଣ୍ଡାଳିଆ ଦେଖିବାକୁ ମିଳିଛି। ଏହି ଗେଣ୍ଡାଳିଆର ଅଣ୍ଟ ହଳଦିଆ ଓ ପଛ ପାଖ ପକ୍ଷୀଗୁଡ଼ିକ ପର ଈଷତ ଲାଲ୍ ରଙ୍ଗର ଦେଖିବାକୁ ମିଳିଛି। ଅନ୍ୟ

**ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ**



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଉପକୂଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବିରଳ ପ୍ରଜାତିର ଈଷତ ଲାଲ୍ ରଙ୍ଗ ପର ଥିବା ଗେଣ୍ଡାଳିଆ।

ପ୍ରଜାତିର ଗେଣ୍ଡାଳିଆ ପଲ ମଧରେ ଦୁଇଟି ଈଷତ ଲାଲ ରଙ୍ଗ ପର ଥିବା ଗେଣ୍ଡାଳିଆ ଖାଦ୍ୟ ସଂଗ୍ରହ କରୁଥିଲେ। ଏ ସମ୍ପର୍କରେ ଲୁଣା ଜାତୀୟ ଜଙ୍ଗଲ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବସବାସ କରୁଥିବା ସାମୁଦ୍ରିକ ଜୀବ ଓ ବନ୍ୟ ପ୍ରାଣୀ ଉପରେ କାର୍ଯ୍ୟ କରୁଥିବା ପରିବେଶବିତ୍ ସମରେନ୍ଦ୍ର ମାହାଳି କୁହନ୍ତି, ଏହା ଆମ ଓଡ଼ିଶାର ଦେଶୀୟ ପକ୍ଷୀ। ପୂର୍ବରୁ ଭିନ୍ନ ପ୍ରଜାତିର ଗେଣ୍ଡାଳିଆ ଆମ ଅଞ୍ଚଳରେ ଦେଖାଯାଉଥିଲେ। ବାରମ୍ବାର ବାତ୍ୟା, ଅସନ୍ତୁଳିତ ପରିବେଶ ଯୋଗୁ ଏମାନଙ୍କ ବଂଶ ଲୋପ ପାଇ ଯାଇଥିଲା। ଖୁସିର କଥା ଆମ ଅଞ୍ଚଳରେ ପକ୍ଷୀଗୁଡ଼ିକ ପୁଣି ଦେଖାଦେଇ ଥିବାରୁ ଏମାନଙ୍କ ସୁରକ୍ଷା ପ୍ରତି ବନ ବିଭାଗ ଯତ୍ନବାନ ହେବା ସହ କିପରି ବଂଶ ବିସ୍ତାର ହୋଇପାରିବ ସେଥିପ୍ରତି ଧ୍ୟାନ ଦେବା ଜରୁରୀ ହୋଇପଡିଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ପକ୍ଷୀ ପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ କୁହନ୍ତି, ଏହି ବିରଳ ପ୍ରଜାତିର ଗେଣ୍ଡାଳିଆର ମୁଖ୍ୟତଃ ଅସନ୍ତୁଳିତ ଖାଦ୍ୟ, ଜଳବାୟୁ ପରିବର୍ତ୍ତନ ଯୋଗୁ ଶରୀର ଗଠନ ପ୍ରକ୍ରିୟା ଓ ରଙ୍ଗରେ ପରିବର୍ତ୍ତନ ଆସିଥାଏ। ତେଣୁ ଏହାକୁ ନେଇ ବନ ବିଭାଗ ପକ୍ଷରୁ ଅଧିକ ଗବେଷଣା କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମହାକାଳକଡ଼ା ବନାଞ୍ଚଳ ଅଧିକାରୀ ସାହାଜୀ ଚରଣ ବିଶ୍ୱାଳଙ୍କୁ ପଚାରିବାରେ ଈଷତ ଲାଲ ଗେଣ୍ଡାଳିଆ ଖବର ଆପଣଙ୍କଠାରୁ ମିଳିଲା। ବନ ବିଭାଗ ଏହି ପକ୍ଷୀ ଠାବ କଲାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ତଦନ୍ତ ପାଇଁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ, ୨୭।୫(ସ୍ୱ.ପ୍ର.)

**ପେଣ୍ଡପାଳ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁର୍ନୀତି**

ଗ୍ରାମାଂଚଳର ବିକାଶ ସହ ଲୋକମାନଙ୍କୁ କର୍ମ ସଂସ୍ଥାନ ଯୋଗାଇବାକୁ କେନ୍ଦ୍ର ଓ ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଉପରେ ସର୍ବାଧିକ ଗୁରୁତ୍ୱାରୋପ କରି ପଞ୍ଚାୟତ ପ୍ରତିନିଧି ଉପରେ ଏହାର କାର୍ଯ୍ୟକାରିତା ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ମାତ୍ର ବହୁ କ୍ଷେତ୍ରରେ ଏହାର ଚରମ ବ୍ୟତିକ୍ରମ ଓ ଉଲ୍ଲଂଘନ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ଦେଖିବାକୁ ମିଳିଛି। ବ୍ଲକର ପେଣ୍ଡପାଳ ପଞ୍ଚାୟତ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ଓ ହରିଲୁଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଓ ଗାଇଡ୍ ଲାଇନକୁ ଉଲ୍ଲଘଂନ କରାଯାଇ ସମ୍ପୂର୍ଣ୍ଣ ଯୋଜନାରେ ନାମକୁ ମାତ୍ର କାମ କରାଯାଇ ସମୁଦାୟ ସରକାରୀ ଅନୁଦାନ ଚଳୁ କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରି ଉପଯୁକ୍ତ ତଦନ୍ତ ସହ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ଅବିଳମ୍ବେ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପଞ୍ଚାୟତବାସୀ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ, ସଚିବ ଓ ସମେତ ସମସ୍ତ ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ରାସ୍ତା ନିର୍ମାଣ, ପୋଖରୀ ପୁନରୁଦ୍ଧାର, ଚାରା ରୋପଣ ଆଦି ବିଭିନ୍ନ ଯୋଜନାରେ ବ୍ୟାପକ ଦୁର୍ନୀତି ଅର୍ଥ ତୋଷରପାତ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

# ମନ୍ଦିରରେ ମୋବାଇଲ କ୍ୟାମେରା ବନ୍ଦ ଦାବି



ଉପଜିଲାପାଳଙ୍କୁ ବଳଦେବ ସେନା ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୨୭।୫

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଅବାଧ ଭାବେ କ୍ୟାମେରା ଓ ମୋବାଇଲ ପ୍ରବେଶ କରୁଛି। ଏହାକୁ ବନ୍ଦ କରିବାକୁ ବଳଦେବ ସେନା ପକ୍ଷରୁ ଉପଜିଲାପାଳ ତଥା ଶ୍ରୀଜୀଉଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ନିରଞ୍ଜନ ବେହେରାଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସେନାର ସଭାପତି ପପୁନ କୁମାର ସ୍ୱାଇଁ କହିଛନ୍ତି, ଶ୍ରୀଜୀଉଙ୍କ ମନ୍ଦିର ଏକ ଆଧାତ୍ମିକ ସ୍ଥଳ। ଶ୍ରୀଜୀଉ ମଣି ବିଗ୍ରହ ହୋଇଥିବା ବେଳେ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ବହୁ ପ୍ରାଚୀନ। ସାମ୍ପ୍ରତିକ ସମୟରେ କ୍ୟାମେରା ଓ ମୋବାଇଲ ମାଧ୍ୟମରେ ଏପରି ଆଧାତ୍ମିକ ସ୍ଥଳରେ ହିନ୍ଦୁ ସଂସ୍କୃତି ବିରୋଧୀ ଫଟୋ ଓ ଭିଡିଓ ଉତ୍ତୋଳନ କରାଯାଉଛି। ଯାହା ସାଂସ୍କୃତିକ ପରିବେଶକୁ ନଷ୍ଟ କରୁଛି। ସେହିପରି କ୍ୟାମେରା ଓ ମୋବାଇଲରେ ଶ୍ରୀଜୀଉଙ୍କ ମନ୍ଦିର ଗର୍ଭଗୃହ ପର୍ଯ୍ୟନ୍ତ ଯାଉଥିବାରୁ ବହୁ ପ୍ରାଚୀନ ମୂର୍ତ୍ତି ଚୋରି ହେବାର ଭୟ ରହୁଛି। ମୋବାଇଲ ଓ କ୍ୟାମେରା ବନ୍ଦ ପାଇଁ ପୂର୍ବରୁ ବହୁବାର ସଚେତନ କରାଯାଇଥିଲେ ମଧ କଡା ସୁରକ୍ଷା ଅଭାବରୁ ଏହାକୁ ରୋକି ହେଉନାହିଁ। ଟ୍ରଷ୍ଟ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ଏହି ସଂସ୍କୃତି ବିରୋଧୀ କାର୍ଯ୍ୟ ବନ୍ଦ କରାଯିବାକୁ ଏବେ ଦାବିପତ୍ର ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଉପଦେଷ୍ଟା ନିରଞ୍ଜନ ମେକାପ, ସମ୍ପାଦକ ଅମର କୁମାର ବିଶୋୟୀ, କର୍ମକର୍ତ୍ତା ଅଭିଷେକ କର, ରୁଦ୍ରମାଧବ କର, ଅଶିଷ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ୩ରେ ନବନିର୍ମାଣ କୃଷକ ସଙ୍ଗଠନର ଆନ୍ଦୋଳନ

ଜଗତ୍‌ସିଂହପୁର ଅଫିସ, ୨୭।୫

ଚାଷ, ଚାଷୀ ଓ ବେକାରିଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରି ଜୁନ୍ ୩ ତାରିଖରୁ ଜଗତ୍‌ସିଂହପୁର ଜିଲାର ସମସ୍ତ ତହସିଲ ସମ୍ମୁଖରେ ସତ୍ୟାଗ୍ରହ କରିବାକୁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସ୍ଥିର କରାଯାଇଛି। ଏହା ଉପରେ ସଙ୍ଗଠନର ନେତା ରଶ୍ମିରଞ୍ଜନ କହିଛନ୍ତି, ବିଗତ ଦିନ ଗୁଡ଼ିକରେ ବିଭିନ୍ନ ପର୍ଯ୍ୟାୟରେ ସରକାର ଓ ପ୍ରଶାସନ ସହ ଆଲୋଚନା ହୋଇଛି। ବିଶେଷ କରି ଚାଷୀଙ୍କୁ ସମ୍ମାନ, ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ, ଚାଷୀ ସୁରକ୍ଷା ଭତ୍ତା, ରିଲିଫ କୋଡ୍ ସଂଶୋଧନ ଓ ଠିକ୍ ସମୟରେ ବିପର୍ଯ୍ୟୟ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। କୃଷି ଭିତ୍ତିଭୂମିର ବିକାଶ ସହ ଜିଲାରେ ନିଯୁକ୍ତି ସୁନିଶ୍ଚିତ କରାଇବା ପାଇଁ ବାରମ୍ବାର ଦାବି କରାଯାଇଛି। ଏହାସତ୍ତ୍ୱେ ସରକାର ଓ ପ୍ରଶାସନ ଦାୟିତ୍ୱବାନ ହେବା ପରିବର୍ତ୍ତେ କର୍ପୋରେଟ୍‌ମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଚାଷୀ ଓ ଗ୍ରାମୀଣ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରି ଚାଲିଛନ୍ତି। ଏହାର ପ୍ରତିବାଦରେ ଆନ୍ଦୋଳନ କରାଯିବ। ଏହି ସତ୍ୟାଗ୍ରହରେ ବହୁ ସଂଖ୍ୟାରେ ଚାଷୀ, ବେକାର ଯୁବକ, ଛାତ୍ରୀ, ମହିଳା, ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଯୋଗେଦେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ନଦୀ କୂଳିଆ ଗାଁରେ ବ୍ୟାରିକେଡ୍ ପାଇଁ ମହିଳା ମହାସଂଘ ପକ୍ଷରୁ ଦାବି

ରାଜନଗର, ୨୭।୫(ଡି.ଏନ.ଏ.)

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତର ଖାରପଡା ଗାଁର ଜାନକୀ ଜେନା ଗୁରୁବାର କୁମ୍ଭୀର ଆକ୍ରମଣରେ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଶୁକ୍ରବାର ମା'ମାଟିଆ ମଙ୍ଗଳା ମହିଳା ମହାସଂଘର ଶତାଧିକ ମହିଳା ବନ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ଏଥିସହ ଭିତରକନିକା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ଅଞ୍ଚଳ ମଧରେ ରାଜନଗର, ଆଳି, ପଟ୍ଟାମୁଣ୍ଡାଇ ଓ ରାଜକନିକା ଅଞ୍ଚଳରେ ଶତାଧିକ ନଦୀକୂଳିଆ ଗାଁ ରହିଛି। ଗାଁଗୁଡିକରେ ସରକାର ନଳକୂପ ଓ ପାଇପ ପାଣି ଯୋଗାଣ ହୋଇନାହିଁ। ଲୋକେ ବାଧ ହୋଇ ନଦୀରେ ସ୍ନାନ ସହ ଶୌଚ ହେଉଛନ୍ତି। ପ୍ରତ୍ୟେକ ନଦୀକୂଳ ଗାଁ ନିକଟରେ ବ୍ୟାରିକେଡ୍ ବା ଗାଧୁଆ ତୁଠ ନିର୍ମାଣ, ସଚେତନତା ପାଇଁ ହୋର୍ଡିଂ ଲଗାଇବାକୁ ମହିଳାମାନେ ଦାବି କରିଛନ୍ତି। ଅଧାପିକା ଭଗବତୀ ରାଉତଙ୍କ ନେତୃତ୍ୱରେ ଶତାଧିକ ମହିଳା ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଛନ୍ତି। ଏଥିସହ ରାଜନଗର ବିଡିଓ, ତହସିଲଦାରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

# ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଧାରଣା

ରାଜନଗର, ୨୭।୫(ଡି.ଏନ.ଏ.)

ସେବା ସମବାୟ ସମିତି ନିର୍ବାଚନ ପାଇଁ ରାଜନଗରରେ ତାତି ଧୀରେ ଧୀରେ ବଢ଼ିଲାଣି। ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତିରେ ନିର୍ବାଚନ ହେବ। ବଡନାଉମୋଣା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ପ୍ରକାଶିତ ଭୋଟର ତାଲିକାରେ ତ୍ରୁଟି ଥିବା ଅଭିଯୋଗ କରି କେତେଜଣ ସଦସ୍ୟ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ସହ ନିର୍ବାଚନ ଅଧିକାରୀଙ୍କୁ ଦୀର୍ଘ ୪ ଘଣ୍ଟା ଧରି ଅଟକ ରଖିଥିଲେ। ଏହି ସେବା ସମବାୟ ସମିତିର ସଦସ୍ୟ କ୍ଷୀରୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ସଦସ୍ୟମାନେ ଏହି ଧାରଣାରେ ବସିଥିଲେ। ସେମାନଙ୍କ ଦାବି ମୁତାବକ ଭୋଟର ତାଲିକାରେ ଥିବା ତ୍ରୁଟି ସମ୍ପର୍କରେ ୨୧ ଓ ୨୨ ତାରିଖରେ ଲିଖିତ ଭାବେ ଜଣାଇଥିଲେ। ଶୁକ୍ରବାର ପ୍ରକାଶିତ ସଂଶୋଧିତ ଭୋଟର ତାଲିକାରେ ତ୍ରୁଟି ଥିବା ଦେଖିବାକୁ ମିଳିଛି। ଭୋଟର ତାଲିକାରେ ସଦସ୍ୟମାନଙ୍କର ରେଜିଷ୍ଟରର କ୍ରମିକ ସଂଖ୍ୟା ଓ ଜମା ଖାତା ନଂ. ପ୍ରକାଶିତ କରିବାକୁ ଦାବି କରାଯାଇଥିଲା, ତାହା କରାଯାଇନାହିଁ। ଚାରୁଲତା



ଭୋଟର ତାଲିକାରେ ତ୍ରୁଟି ଯୋଗୁ ଲୋକଙ୍କ ଧାରଣା।

ସାମଲଙ୍କ ନାମ ୧୫ ନଂ. ଜୋନରେ ଥିବା ବେଳେ ଏବେ ତାଙ୍କ ବଦଳରେ ମିନତି ପଢିହାରୀଙ୍କ ନାମ ରହିଛି। ସେମାନଙ୍କର ଜମା ଖାତା ଓ କ୍ରମିକ ନଂ. ପ୍ରକାଶିତ ହୋଇନାହିଁ। ୧୪ ନଂ. ଜୋନରେ ପ୍ରତିମା ମଲିକଙ୍କ ନାମ ରହିଛି। ତାଙ୍କର କ୍ରମିକ ନଂ. ଓ ଜମା ଖାତା ନଂ. ମଧ ଉଲ୍ଲେଖ ନାହିଁ, ପୂର୍ବରୁ ତାଙ୍କ ନାମ ନ ଥିଲା। ଜୋନ ନଂ. ୧୩ରେ ପ୍ରମୋଦ ପ୍ରଧାନ, ଲୋଚନ ସେଠୀ, ଦୁଷନ୍ତ ହାତିଙ୍କ ନାମ ରହିଛି। ଏମାନଙ୍କ ନାମ ପୂର୍ବରୁ ନ ଥିଲା। ଏପରି ତ୍ରୁଟିକୁ ସଂଶୋଧନ କରିବାକୁ ଦାବି କରି ସଭ୍ୟମାନେ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ସହ ନିର୍ବାଚନ ଅଧିକାରୀ ମନେନ୍ଦ୍ର କୁମାର ପ୍ରଧାନଙ୍କୁ କାର୍ଯ୍ୟାଳୟ ଭିତରେ ଅଟକ ରଖିଥିଲେ। ସମସ୍ତ ତଥ୍ୟ ଦେଲେ, ଯିବେ କହି ଛାଡୁ ନ ଥିଲେ। ପୋଲିସ ପହଞ୍ଚି ଧାରଣାରେ ବସିଥିବା ସଦସ୍ୟଙ୍କ ସହ ଆଲୋଚନା କରିଥିଲା। ୨୯ ତାରିଖ ସୁଦ୍ଧା କାଗଜ ପତ୍ର ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

## ଶିବିରରେ ୨୫୪ ଭିନ୍ନକ୍ଷମ ଚିହ୍ନଟ

ପଟ୍ଟାମୁଣ୍ଡାଇ, ୨୭।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇରେ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧ୍ୟକ୍ଷ ହେମନ୍ତ ସାହୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୌର ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ, ବିଡିଓ ଭରତ ଚନ୍ଦ୍ର ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, ମେଡିକାଲ ଅଫିସର ଡା. ନିରାକାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ୨୫୪ ଜଣ ଭିନ୍ନକ୍ଷମ ଉପକରଣ ପାଇବାକୁ ଚୟନ କରାଯାଇଥିଲା।

# ଆଳି ବ୍ଲକ ମିଶନ ଶକ୍ତି ପକ୍ଷରୁ କାର୍ଯ୍ୟାଦେଶ ବଣ୍ଟନ

ଆଳି,୨୭।୫(ଡି. ଏନ. ଏ.)

ଆଳି ବ୍ଲକ ମିଶନ ଶକ୍ତି ପକ୍ଷରୁ ସ୍ୱୟଂ ସହାୟ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ କାର୍ଯ୍ୟାଦେଶ ବଣ୍ଟନ ମେଳା ବ୍ଲକ ସଭାଗୃହ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମେଳାରେ ବିଡିଓ ଦ୍ୱିବେନ୍ଦୁ ଦାସ ଅଧ୍ୟକ୍ଷତା କରିଥିଲେ। ଆଳି ବିଧାୟକ ପ୍ରତାପ କେଶରୀ ଦେବ ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ୩୪ ଟି ପଞ୍ଚାୟତର ୨ ଶହ ଏସ୍‌ଏଚ୍‌ଜିକୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେ କହିଥିଲେ, ରାଜ୍ୟ ସରକାର ପ୍ରତ୍ୟେକ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଏହି କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଯାହାଦ୍ୱାରା ଏସ୍‌ଏଚ୍‌ଜିର ସଦସ୍ୟମାନେ ଗୋପାଳନ, ଛେଳି ପାଳନ, ମାଛ ଚାଷ, ପରିବା ଚାଷ, ସ୍କୁଲରେ ମଧ୍ୟାହ୍ନ ଭୋଜନ ଇତ୍ୟାଦି କାମ କରିବେ। ଏସ୍‌ଏଚ୍‌ଜି ପକ୍ଷରୁ ଉତ୍ପାଦିତ ଦ୍ରବ୍ୟ ବିକ୍ରି ନିମନ୍ତେ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଷ୍ଟୋର କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ମେଳାରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ସିଡିପିଓ କଳ୍ପନା ଧଳ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମିଶନ ଶକ୍ତିର ବିପିସି ମୋନାଲିସା ନାୟକ, ବିପିଏମ୍ ହିମାଂଶୁ ଭଦ୍ର, ବିପିଏ ବିଭୁଦତ୍ତ ବିଶ୍ୱାଳ, ବିଏଲସି ପ୍ରକାଶ ଦାସ, ଦୀପକ ମହାନ୍ତି, ସୁଜାତା ବେହେରା ଓ ମନୋରଞ୍ଜନ ପାଇଟାଲ ପରିଚାଳନା କରିଥିଲେ। ବ୍ଲକ ଫେଡେରେଶନ ସଭାନେତ୍ରୀ ସବିତାରାଣୀ କର ଓ ସମ୍ପାଦିକା ଆଶାଲତା ସାହାଣୀ ଉପସ୍ଥିତ ଥିଲେ।

# ଭୂଜଳ ପରିଚାଳନା ଲାଗି ଜନ ବାର୍ତ୍ତାଳାପ

ଡେରାବିଶ, ୨୭।୫(ସ୍ୱ.ପ୍ର.)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣଖଣ୍ଡ ଭୋଳ ଗାଁରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ଜଳ ସଂସାଧନ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ଅଧୀନ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଭୂତଳ ଜଳ ପରିଷଦ ଆନୁକୂଲ୍ୟରେ ଭୂଜଳ ପରିଚାଳନା ସମ୍ପର୍କୀୟ ଜନ ବାର୍ତ୍ତାଳାପ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଗୋଲଖ ଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଭୂଜଳ ଜଳ ପରିଷଦ ଭୁବନେଶ୍ୱରର ବୈଜ୍ଞାନିକ ସୁଧାଂଶୁ କୁମାର ମହାନ୍ତି ଓ ବୈଜ୍ଞାନିକ ମୌସୁମୀ ସାହୁ ଯୋଗଦେଇ ଭୂଜଳ ସଂରକ୍ଷଣ ଉପରେ ସର୍ବଶେଷ ଆଲୋକପାତ କରିଥିଲେ। ଏଥିରେ ସରପଞ୍ଚ କନକଲତା ପ୍ରଧାନ, ସମିତିସଭ୍ୟା ସଂଯୁକ୍ତା ଜେନା, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ଯୁଗଳ କିଶୋର ମହାନ୍ତି, ପତିତପାବନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭୂଜଳ ପରିଚାଳନା ନିମନ୍ତେ ପୁରୁଣା ଅବ୍ୟବହୃତ ପୋଖରୀ, ନୂତନ ପୋଖରୀ ଓ ନଦୀଜଳକୁ ବ୍ୟବହାର କରାଯାଇ ଜନସାଧାରଣଙ୍କ ହିତରେ ଲଗାଇବା ସହ ଜଳ ସଂଗ୍ରହ, ସଂରକ୍ଷଣ ଓ ସୁସ୍ଥ ପରିବେଶ କିପରି ଗଠନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଶତାଧିକ ଲୋକଙ୍କ ପକ୍ଷରୁ ଏହି ପଞ୍ଚାୟତରେ ଥିବା ହରିଅଙ୍କ ହାଇସ୍କୁଲ ପୋଖରୀ, ମେଲଣପଡ଼ିଆରେ ଥିବା ଧୋବା ପୋଖରୀର ପୁନରୁଦ୍ଧାର, ଖାନନଗର ମାଇନର କେନାଲ୍‌ର ପୁନରୁଦ୍ଧାର ଓ ନଦୀବନ୍ଧ ମାଧ୍ୟମରେ ଜଳ ସଂରକ୍ଷଣ କରି କାର୍ଯ୍ୟରେ ଲାଗାଯିବାକୁ ଅର୍ଥ ବରାଦ କରି ଏହି ପ୍ରସ୍ତାବିତ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବା ସେ ସମ୍ପର୍କରେ କେନ୍ଦ୍ରୀୟ ଭୂଜଳ ପରିଷଦର ବୈଜ୍ଞାନିକ ମହାନ୍ତି ଓ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ପଞ୍ଚାୟତର କୂଳସାହିଠାରେ ଲୁଣାନଦୀର ଶାଖା ନଦୀ କରାଣ୍ଡିଆରେ ଆନିକଟ କରାଯାଇ ନଦୀଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରିବା, ମତ୍ସ୍ୟ ଓ ପନିପରିବା ଚାଷ ପାଇଁ ବ୍ୟବହାର କରାଯିବା ନିମନ୍ତେ ମଧ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ପରିଚାଳନାରେ ଗଗନ ବିହାରୀ ମହାନ୍ତି, ବନମାଳୀ ସ୍ୱାଇଁ, କେଶବ ରାଉଳ, ଅଭୟ କୁମାର ମଲିକ ପ୍ରମୁଖ ସହଯୋଗ କରିଥିଲେ।



ଭୂଜଳ ପରିଚଳନା ଲାଗି ଅନୁଷ୍ଠିତ ଜନ ବାର୍ତ୍ତାଳାପରେ ଉପସ୍ଥିତ ଅତିଥିମାନେ।

# ଗୋବରୀ ନଦୀ ପୁନରୁଦ୍ଧାର ଦାବି

ପଟ୍ଟାମୁଣ୍ଡାଇ, ୨୭।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ଗୋବରୀ ନଦୀ କ୍ରମଶଃ ପୋତି ହୋଇ ପଡିଛି। ଏହି ନଦୀର ପୁନରୁଦ୍ଧାର ପାଇଁ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମହାକାଳପଡ଼ା ଓ ରାଜନଗର ବ୍ଲକର ଅଧିବାସୀ ବାରମ୍ବାର ଦାବି କରି ଆସୁଛନ୍ତି। ପୁରୁଣା ଗୋବରୀ ପୁନରୁଦ୍ଧାର ପାଇଁ ୨୦୧୦ ମସିହାରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଶିଳାନ୍ୟାସ କରିଥିଲେ। ୧୬ କି.ମି. ବ୍ୟାପୀ ଗୋବରୀର ପୁନରୁଦ୍ଧାର ପାଇଁ ଟେଣ୍ଡରରେ ଠିକା ପାଇଥିବା ଠିକାଦାର ଅଧାରୁ କାମଛାଡି ଚାଲି ଯାଇଥିଲେ। ଏଥିରେ ୩ କୋଟି ଟଙ୍କା ବିଲ୍ ହୋଇଥିବା ବିଭାଗୀୟ ଯନ୍ତ୍ରୀ କେନ୍ଦ୍ରାପଡ଼ା ଡ୍ରେନେଜକଟ ନିହାର ରଞ୍ଜନ ରାଉତରାୟ କହିଛନ୍ତି। ଖନନ କାର୍ଯ୍ୟ ଅଧାରୁ ବନ୍ଦ ହୋଇଥିବା ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୁନର୍ବାର ୧୬ କିମି ବ୍ୟାପୀ ଗୋବରୀ ନଦୀର ଖନନ ପାଇଁ ରାଜ୍ୟ ସରକାର ଓ ଡ୍ରେନେଜ କଟ ପକ୍ଷରୁ ୭.୫୫ କୋଟି ବ୍ୟୟ ଅଟକଳରେ ଓଡ଼ିଶା କନଷ୍ଟ୍ରକଶନ କମ୍ପାନୀ(ଓସିସି) ଖନନ କାର୍ଯ୍ୟ ଆରମ୍ଭ କରିଥିଲା। ମାତ୍ର ୧୬ କିମି ନଦୀ ଖନନ କରିବା ପରିବର୍ତ୍ତେ ୬ କିମି ଖନନ କରି କାମ ବନ୍ଦ କରିଦେଇଛି। ଫଳରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ବାବଦରେ ଡ୍ରେନେଜ କଟ କେନ୍ଦ୍ରାପଡ଼ା ନିର୍ବାହୀ ଯନ୍ତ୍ରୀ ବାଙ୍କ ବିହାରୀ ସାମଲଙ୍କୁ ପଚାରିବାରେ ପୋତା ଗୋବରୀ ନଦୀକୁ ପୁନରୁଦ୍ଧାର କରିବାକୁ ଆଉ ଏକ ଟେଣ୍ଡର ଆହ୍ୱାନ କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ। ତେବେ ଗୋବରୀ ଖନନ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଥିବା ବେଳେ ହଜାର ହଜାର ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷରେ ୩୦ରୁ ଅଧିକ ପାଟନାଳି ମଧ ଦେଇ ଚାଷଜମି ଜଳସେଚିତ ହେବା ସହ ଉଦ୍‌ବୃତ୍ତ ବର୍ଷା ଜଳ ସହଜରେ ସମୁଦ୍ରକୁ ନିଷ୍କାସିତ ହୋଇପାରିବ। ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲଠାରୁ ୨୦୧୦ ମସିହାରେ ଆରମ୍ଭ ଖନନ କାର୍ଯ୍ୟ ଅଧାପତିରିଆ ଭାବେ ପଡି ରହିଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ କଲୋନୀଠାରୁ ଖନନ କାର୍ଯ୍ୟ ଆରମ୍ଭ କରିବାକୁ ପଟ୍ଟାମୁଣ୍ଡାଇବାସୀ ଦାବି



ପୋତି ହୋଇ ପଡିଥିବା ଗୋବରୀ ନଦୀ।

**ଉପକୃତ ହେବେ ୪ ବ୍ଲକର ଲକ୍ଷାଧିକ ଚାଷୀ**

କରିଛନ୍ତି। ଗୋବରୀ ନଦୀ ପୁନରୁଦ୍ଧାର କରାଗଲେ ଦକ୍ଷଣଦିଆ, ତାତନା, ମାଟିଆ, ଅଠରବାଟିଆ, ଆମ୍ବେର, ନଅଡଲିଆ, ଖଡିଅଣ୍ଡା, ସିମିଳିଆ, ନରସିଂହପୁର, ପଛପଡା, ଡିଆପଡା, କୁପୁଣୀ, ଗୁଣ୍ଡୁପୁର, ଛେଦରା, ଲୋକନାଥପୁର ପ୍ରଭୃତି ଅଞ୍ଚଳ ସହ କେନ୍ଦ୍ରାପଡ଼ା, ମହାକାଳପଡ଼ା ଓ ରାଜନଗର ଅଞ୍ଚଳର ଶତାଧିକ ଗାଁର ଚାଷୀମାନେ ଉପକୃତ ହୋଇପାରିବେ। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ନଦୀ ସଂଯୋଗୀକରଣ ଯୋଜନାରେ ପୁରୁଣା ଗୋବରୀ ନଦୀକୁ ସଂଯୋଗ କରିବାକୁ ପଟ୍ଟାମୁଣ୍ଡାଇର ବୁଦ୍ଧିଜୀବୀମାନେ ଜାତୀୟ ଆଇନ ସେବା ପ୍ରାଧିକରଣ(ନାଲ୍ସା) ନିକଟରେ ଦାବି କରିଛନ୍ତି। ଏହି ଦାବି ପୂରଣ କରାଗଲେ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ମହାକାଳପଡ଼ାର ହଜାର ହଜାର ଚାଷୀ ଉପକୃତ ହେବା ସହ ରାଜ୍ୟ ଓ ଦେଶର ଅର୍ଥନୀତି ସୁଦୃଢ଼ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଆଉ ୨୫ ବିଦ୍ୟାଳୟର ରୂପାନ୍ତରଣ

ଧର୍ମଶାଳା,୨୭ା୫(ଡି.ଏନ.ଏ.): ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ଼ କରିବା ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ୫-ଟି ମାଧମରେ ବିଦ୍ୟାଳୟ ରୂପାନ୍ତରଣ ବ୍ୟବସ୍ଥା କରୁଛନ୍ତି। ତେବେ ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୬ଟି ହାଇସ୍କୁଲ ରୂପାନ୍ତରଣ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହାର ଉଦ୍‌ଘାଟନ କରାଯିବ। ଛାତ୍ରୀଛାତ୍ରଙ୍କ ପଢ଼ିବା ପାଇଁ ସୁନ୍ଦର ବେଞ୍ଚ୍ ଓ ଡେକ୍ସର ବ୍ୟବସ୍ଥା ସହ ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ ହୋଇଛି। ଏହି ଯୋଜନାରେ ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତର ଅମରେଶ୍ୱରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦର ପରିବେଶ ସାଙ୍ଗକୁ ଶିକ୍ଷା ପ୍ରତି ପିଲାଙ୍କୁ ଆକୃଷ୍ଟ କଲା ଭଳି ବ୍ୟବସ୍ଥା କରାଯାଇଛି। ଏଠାରେ ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ଲାବ, କମ୍ପ୍ୟୁଟର ହଲର ବ୍ୟବସ୍ଥା ହୋଇଛି। ସରକାରଙ୍କ ଏଭଳି ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରୁଛନ୍ତି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକ। ଅନ୍ୟପଟେ ଏହି ୫ଟି ମାଧମରେ ବିଭିନ୍ନ ସ୍କୁଲର ରୂପାନ୍ତରଣ ଆଳରେ ଲକ୍ଷଲକ୍ଷ ଟଙ୍କା ହଡପ କରାଯାଉଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହେଉଛି। ୫-ଟି ମାଧମରେ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଥିବା ବେଳେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଉପରେ ଏହା କେତେ ପ୍ରଭାବ ପକାଇବ ତାହା ଦେଖିବାର କଥା। ତେବେ ଧର୍ମଶାଳା ବ୍ଲକ ଅଧୀନରେ ରୂପାନ୍ତର ହେଉଥିବା ସ୍କୁଲଗୁଡ଼ିକୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ତଦାରଖ କରିବା ସହିତ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହିତ ଆଲୋଚନା କରିଛନ୍ତି।

### ସାମ୍ୟବାଦୀ ବ୍ୟକ୍ତିଙ୍କ ବିୟୋଗ



ବରୀ,୨୭ା୫ (ଡି.ଏନ.ଏ.): ବରୀ ବ୍ଲକ୍ ଅଧୀନ ଅଲିପୁର ପଞ୍ଚାୟତର ବିଶିଷ୍ଟ ସାମ୍ୟବାଦୀ ଚିନ୍ତାଧାରାର ବ୍ୟକ୍ତି ବ୍ରଜସୁନ୍ଦର ନାୟକଙ୍କ ବିୟୋଗ ଘଟିଛି। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ସହ ଏହି ଅଞ୍ଚଳର ସମସ୍ୟା ସାମଧାନ କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସମସ୍ତଙ୍କ ମଧରେ ସମନ୍ୱୟ ରକ୍ଷା କରି ଭାଇଚାରା ସୃଷ୍ଟି କରିବା କ୍ଷେତ୍ରରେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ସାମାଜିକ କର୍ମୀମାନେ ତାଙ୍କ ବାସଗୃହରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ଯଶୋବନ୍ତ ମୁଖାଗ୍ନି ଦେଇଥିଲେ। ଅନ୍ୟପକ୍ଷରେ ନାୟକଙ୍କ ମୃତ୍ୟୁ ଖବର ପାଇ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ବ୍ଲକ୍ ଅଧକ୍ଷ ଅଶୋକ ଗେଡ଼ି, ପ୍ରାକ୍ତନ ସରପଞ୍ଚ ବୀରେନ୍ଦ୍ର ମିଶ୍ର, ପ୍ରାକ୍ତନ ସରପଞ୍ଚ ଶୁଭଶ୍ରୀ ଶର୍ମା ଓ ଅବସରପ୍ରାପ୍ତ ଶିକ୍ଷକ କାହ୍ନୁଚରଣ ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## କାମ ଅଧାପନ୍ତରିଆ

# ଠିକାଦାରଙ୍କୁ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଯାଜପୁର ଅଫିସ,୨୭ା୫

ଯାଜପୁର ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଠିକାଦାରମାନେ ଅଣଦେଖା କରୁଛନ୍ତି। ଠିକାଦାରଙ୍କୁ ପ୍ରଭାବଶାଳୀ ଲୋକଙ୍କ ସହଯୋଗ ରହୁଥିବାରୁ ଏଭଳି ସ୍ଥିତି ଉପୁଜୁଛି। ଏଠାରେ ବଡଚଣା ବ୍ଲକ ଛତିଆରେ ଥିବା ହେଭି ମୋଟର ଭେହିକିଲ(ଏଚ୍‌ଏମ୍‌ଭି) ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଡିଟିଆଇ)ର ଉନ୍ନତୀକରଣ କାର୍ଯ୍ୟକୁ ଉଦାହରଣ ଭାବେ ନିଆଯାଇପାରେ। ଡିଆଇଟି ପାଚେରି ନିର୍ମାଣ ପାଇଁ ଚୁକ୍ତି କରିଥିବା ଠିକାଦାର ସାଗରିକା ବିଶ୍ୱାଳଙ୍କୁ ଚାରଭାଟିଆ ଆର୍ ଆଣ୍ଡ ବି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟ ଆରମ୍ଭ କରିବାକୁ ଏକାଧିକ ଥର ନିବେଦନ କରିଥିଲେ ହେଁ କିଛି ସୁଫଳ ମିଳିପାରିନାହିଁ। ଏହି କ୍ରମରେ ଅଧୀକ୍ଷଣ ଯନ୍ତ୍ରୀ ପୁଣି ଗୁରୁବାର ସମ୍ପୃକ୍ତ ଠିକାଦାରଙ୍କୁ ୩ ଦିନ ମଧ୍ୟରେ ପାଚେରି କାର୍ଯ୍ୟ ଆରମ୍ଭ ନ କଲେ ଆଇନ ଅନୁସାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଅଭିଜ୍ଞ ଡ୍ରାଇଭର ସୃଷ୍ଟି କରିବା ଲକ୍ଷ୍ୟରେ ୨୦୧୩ରେ ଛତିଆ ଡିଟିଆଇର ପରିକଳ୍ପନା କରିଥିଲେ। ହେଲେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ସରକାରଙ୍କ ଏହି ଲକ୍ଷ୍ୟ ସାଧନ ହୋଇପାରି ନ ଥିଲା। ତେଣୁ ଏହି ତାଲିମ କେନ୍ଦ୍ରର ଟ୍ରାକ୍, ହଷ୍ଟେଲ ଗୃହ, ପାଚେରି ଆଦି ନିର୍ମାଣ କରିବାକୁ ପ୍ରାୟ ୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଟ୍ରାକ ନିର୍ମାଣ କରିବାକୁ ୭୫ ଲକ୍ଷ ଟଙ୍କା ମଞ୍ଜୁର କରି କାର୍ଯ୍ୟ ଆରମ୍ଭ ହୋଇ ସାରିଥିଲେ ହେଁ ତାହା ଏଯାଏ ଶେଷ ହୋଇ ପାରିନାହିଁ। ଅନ୍ୟପକ୍ଷେ ୯୫ ଲକ୍ଷ ଟଙ୍କା ବିନିଯୋଗରେ ହଷ୍ଟେଲ ଗୃହ ନିର୍ମାଣ ମଧ ଏଯାଏ ଆରମ୍ଭ ହୋଇ

**ଛତିଆ ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍**



ପାରିନାହିଁ। ଫଳରେ ତାଲିମ କେନ୍ଦ୍ର ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଏହି ତାଲିମ କେନ୍ଦ୍ରର ୮୦୦ ମିଟର ଲମ୍ବ ବିଶିଷ୍ଟ ପାଚେରି ନିର୍ମାଣ ପାଇଁ ୨୦୨୧-୨୨ ବର୍ଷରେ ଚାରଭାଟିଆ ପୂର୍ତ୍ତ ବିଭାଗ ପକ୍ଷରୁ ୮୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟ ୫।୧।୨୦୨୨ରେ ଆରମ୍ଭ ହୋଇ ୪।୫।୨୦୨୨ରେ ଶେଷ ହେବା କଥା। କିନ୍ତୁ ସମ୍ପୃକ୍ତ ଠିକାଦାରଙ୍କ ଅବହେଳା ଯୋଗୁ ତାହା ପ୍ରସ୍ତାବରେ ସୀମିତ ରହିଛି। ଚାରଭାଟିଆ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଗତ ୧୨ ତାରିଖରେ ଏନେଇ ସମ୍ପୃକ୍ତ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହାପରେ ଠିକାଦାରଙ୍କ ପକ୍ଷରୁ ଗତ ୧୫ ତାରିଖରେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଇଥିବା ଉତ୍ତରରେ କାର୍ଯ୍ୟ ତୁରନ୍ତ ଆରମ୍ଭ କରି ୩ ମାସ ମଧରେ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ତେଣେ ତାଲିମ କେନ୍ଦ୍ରର ଅଧକ୍ଷ ସୁରକ୍ଷା ଦୃଷ୍ଟିରୁ ଶୀଘ୍ର ପାଚେରି କାମ ଶେଷ କରିବାକୁ ଚାପ ସୃଷ୍ଟି କରୁଛନ୍ତି ବୋଲି ଅଧୀକ୍ଷଣ ଯନ୍ତ୍ରୀ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଅଶୋକ ଲେଲାଣ୍ଡ ଲିମିଟେଡ୍ ଦ୍ୱାରା ପରିଚାଳିତ ଛତିଆ ଏଚ୍‌ଏମ୍‌ଭି ଡ୍ରାଇଭିଂ ତାଲିମ କେନ୍ଦ୍ରର ଉନ୍ନତୀକରଣ ପାଇଁ ୨୦୧୯ରେ ପରିବହନ ବିଭାଗ ପକ୍ଷରୁ ଅନୁଦାନ ମଞ୍ଜୁର ହୋଇଥିଲା। ଏହାର ନିର୍ମାଣ ଦାୟିତ୍ୱ ଚାରଭାଟିଆ ପୂର୍ତ୍ତ ବିଭାଗକୁ ନ୍ୟସ୍ତ କରାଯାଇଥିଲା। ଏହି ତାଲିମ କେନ୍ଦ୍ରର ଉନ୍ନତୀକରଣ କରାଗଲେ ଅଧିକ ସଂଖ୍ୟାରେ ବିପିଏଲ୍, ଏସ୍‌ସି, ଏସ୍‌ଟି ବର୍ଗର ଯୁବତୀଯୁବକ ନିଯୁକ୍ତି ସୁଯୋଗ ପାଇ ପାରିବେ ବୋଲି ଆଶା କରାଯାଇଥିଲା।

## ପୁଅ ମୃତ୍ୟୁ ନେଇ ବାପା ଅଟକ

କୋରେଇ,୨୭ା୫(ସ୍ୱ.ପ୍ର.)

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ସାଦକପୁର ପଞ୍ଚାୟତ ମାଳଦା ଗ୍ରାମରେ ପୁଅ ମୃତ୍ୟୁକୁ ନେଇ ସନ୍ଦେହଘେରରେ ଥିବା ବାପାଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ସୂଚନା ମୁତାବକ, ଗ୍ରାମର ଏସ୍‌କେ ରୁଡ଼ିଙ୍କ ପୁଅ ଏସ୍‌କେ ଗୁଲଫାନ(୩୦)ଙ୍କ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ମୃତ୍ୟୁ ଘଟିଥିଲା। ମାତ୍ର ଏ ସମ୍ପର୍କରେ ପରିବାର ପକ୍ଷରୁ ପୋଲିସକୁ ଖବର ଦିଆଯାଇ ନ ଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନା ପଠାଇଥିଲା। ତେବେ ମୃତ୍ୟୁକୁ ନେଇ ଭିନ୍ନ ଚର୍ଚ୍ଚା ହେଉଥିବାରୁ ପୋଲିସ ଗୁଲ୍‌ଫାନଙ୍କ ବାପାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ମହିଳାଙ୍କ ହେବ କିଡ୍‌ନୀ ପ୍ରତିରୋପଣ

ଯାଜପୁର ଟାଉନ, ୨୭ା୫ (ଡି.ଏନ.ଏ.)

ସ୍ତ୍ରୀଙ୍କ କିଡ୍‌ନୀ ପ୍ରତିରୋପଣ ଉଦ୍ଦେଶ୍ୟରେ ଖର୍ଚ୍ଚ ହେବାକୁ ଥିବା ସହାୟତା ପାଇଁ ୪ କଲେଜ ପଢୁଆ ପିଲାଙ୍କୁ ଧରି ବିହାର ଛପ୍ରା ଜିଲାର ମୂଳବାସିନ୍ଦା ତଥା ବ୍ୟାସନଗର ପୌରାଞ୍ଚଳର କୋପଣ୍ଡଠାରେ ରହୁଥିବା ଦିନେଶ କୁମାର ସିଂ ତାଙ୍କ ଅସୁସ୍ଥ ସ୍ତ୍ରୀଙ୍କୁ ହୁଇଲ୍ ଚେୟାରରେ ବସାଇ ଶୁକ୍ରବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ୩୦ଲକ୍ଷ ଟଙ୍କା ଯୋଗାଡ଼ ହେଲେ ଦିନେଶଙ୍କ ଗୋଟିଏ କିଡ୍‌ନୀକୁ ବାହାର କରାଯାଇ ସ୍ତ୍ରୀ ସନ୍ଧ୍ୟା ଦେବୀ(୪୬)ଙ୍କ ଦେହରେ ପ୍ରତିରୋପଣ କରାଯିବ। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଏନେଇ ପୂର୍ବରୁ ଏହି ପରିବାର ସାକ୍ଷାତ କରି ଦୁଃଖ ଜଣାଇଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଏନେଇ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ତେବେ ବାପାଙ୍କ କିଡ୍‌ନୀ ଦାନ ପରେ ସେ କାମ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡ଼ିବେ ଏବଂ ୬ଟି ମଣିଷଙ୍କ ପେଟପାଟଣା କଥା ବୁଝିବ କିଏ। ପାଠପଢ଼ାରେ କ'ଣ ସବୁଦିନ ପାଇଁ ଡୋରି ବନ୍ଧାଯିବ କି। ଆମେମାନେ ବଞ୍ଚିବୁ କେମିତି ଓ ପାଠ ପଢ଼ିବୁ କିପରି। ସେହିକଥା ନେଇ ଜିଲାପାଳଙ୍କୁ ଯୁକ୍ତ ୩ ପ୍ରଥମ ବର୍ଷରେ ପଢୁଥିବା ବଡ଼ଝିଅ ତନୁ ସିଂ, ତାଙ୍କ ତଳଭଉଣୀ ଯୁକ୍ତ ୨ରେ ପଢୁଥିବା କଲ୍ପିକ୍ ଏବଂ ସଦ୍ୟଭାବେ ମାଟ୍ରିକ୍ ପରୀକ୍ଷା ଦେଇଥିବା ଯମଜ ଭାଇଭଉଣୀ ସୋନାଲୀ ଓ ସୂର୍ଯ୍ୟପ୍ରକାଶ କହିଛନ୍ତି। ତେବେ ଜିଲାପାଳ ଚାହିଁଲେ ସେମାନେ ପାଠ ପଢ଼ିପାରିବେ ଓ ସମସ୍ତ ୬ଜଣ ଯାକ ପେଟକୁ ଦାନା ଗଣ୍ଡେ ପାଇପାରିବେ ବୋଲି ଦିନେଶ କୋହଭରା କଣ୍ଠରେ କହିଛନ୍ତି। ତେବେ ଜିଲାପାଳ ସବୁ ପ୍ରକାର ବ୍ୟବସ୍ଥା କରିବେ ବୋଲି ଆଶ୍ୱାସନା ଦେବାପରେ ଦିନେଶଙ୍କ ପରିବାର ଆଶ୍ୱସ୍ତ ହୋଇ ଘରକୁ ଫେରିଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ପରିବାର।

- ସହାୟତା ଯୋଗାଇବ ଜିଲା ପ୍ରଶାସନ
- କିଡ୍‌ନୀ ଦାନ କରିବେ ସ୍ୱାମୀ

୫୭ ବର୍ଷୀୟ ଦିନେଶ ସାଇକେଲ ଧରି ଡୁବୁରୀସ୍ଥିତ ନୀଳାଚଳ ଇସ୍ପାତ କାରଖାନା ପରିସରରେ ଥିବା ସୁଲଭ ଶୌଚାଳୟର ଜଗୁଆଳି ଭାବେ କାମ କରିବା ପାଇଁ ଯାଇଥାନ୍ତି। ସେଠାରୁ ଯାହା କିଛି ପାଇଥାନ୍ତି ସେଥିରେ ୬ପ୍ରାଣୀଙ୍କ ପେଟରେ ଦାନା ଦେଇଥାନ୍ତି। ତେବେ ଓଳିଏ ଖାଇଲେ ଆଉ ଓଳି ଉପବାସ ରହୁଥିବା ଏହି ପରିବାରର ବଡ଼ ୨ଝିଅ ନିଜ ପାଠପଢ଼ା ସହିତ ବସ୍ତିର ଛୋଟଛୋଟ ପିଲାଙ୍କୁ ଟିଉସନ କରି ଦି ପଇସା ଆଣିଥାନ୍ତି। ଅତ୍ୟନ୍ତ ଦୟନୀୟ ଭାବେ ଚଳୁଥିବା ଏହି ପରିବାର ଉପରେ କିଛିମାସ ପୂର୍ବେ ଚଡ଼କ ପଡ଼ିଥିଲା। ଯେତେବେଳେ କି ସନ୍ଧ୍ୟାଙ୍କ ୨ଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଥିବା କଥା ଜଣାପଡ଼ିଥିଲା। ତେବେ ଗୋଟିଏ କିଡ୍‌ନୀ କେହି ଦାନ କଲେ ସ୍ତ୍ରୀ ସନ୍ଧ୍ୟା ବଞ୍ଚିଯିବେ ବୋଲି ଡାକ୍ତରମାନେ କହିବା ପରେ ଦିନେଶ କିଡ୍‌ନୀ ଦାନ କରି ସ୍ତ୍ରୀଙ୍କୁ ବଞ୍ଚାଇବା ପାଇଁ ଆଗେଇ ଆସିଛନ୍ତି।

## ଶିକ୍ଷକଙ୍କୁ ଶିକ୍ଷା କାର୍ଯ୍ୟାଳୟ ନ ଆସିବାକୁ ନିର୍ଦ୍ଦେଶ

ଯାଜପୁର ଟାଉନ.୨୭ା୫(ଡି.ଏନ.ଏ.)

ଶିକ୍ଷାଦାନ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟ ଅବା ନିଜ କାର୍ଯ୍ୟରେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ କିମ୍ବା ଜିଲା ଶିକ୍ଷା କାର୍ଯ୍ୟାଳୟକୁ ନ ଯିବାପାଇଁ ଯାଜପୁର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଧିକାଂଶ ଦିନ ସ୍କୁଲ୍‌ରେ ଶିକ୍ଷାଦାନ ସମୟରେ ଶିକ୍ଷକମାନେ ଜିଲାର ଅତି ଦୂରଦୂରାନ୍ତରୁ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଥିବା ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଆସିଥିଲା। ଏଥିସହିତ ଗଣମାଧ୍ୟମରେ ଏ ସମ୍ପର୍କରେ ୪ଦିନ ତଳେ ମଧ ଖବର ପ୍ରକାଶ ପାଇଥିଲା। ତେବେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏବଂ ଜିଲା ଶିକ୍ଷାଧିକାରୀ ଗିରିଙ୍କ ଦୃଷ୍ଟିକୁ ଏକଥା ଆସିବା ପରେ ଗୁରୁବାର ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିକଟକୁ ଏପ୍ରକାର ପତ୍ର ଲେଖାଯାଇଛି। ଏବେ ସକାଳୁଆ ସ୍କୁଲ ଚାଲିଛି। ତା' ସହିତ ସକାଳୁଆ ଅଫିସ୍ ମଧ ହେଉଛି। କିନ୍ତୁ ସକାଳ ୮/୯ଟାରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନେ ଶିକ୍ଷା କାର୍ଯ୍ୟାଳୟରେ ଭିଡ଼ କରୁଛନ୍ତି। ଶିକ୍ଷକମାନଙ୍କ ଏ ପ୍ରକାର ବାଧ୍ୟତାମୂଳକ ଶିକ୍ଷାନୁଷ୍ଠାନରେ ଅନୁପସ୍ଥିତ ଯୋଗୁ ପିଲାଙ୍କ ଶିକ୍ଷାଗ୍ରହଣ କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ଫଳରେ ପିଲାମାନେ ସ୍କୁଲକୁ ନ ଆସି ଘରୋଇ ବିଦ୍ୟାଳୟ ଯିବାକୁ ପସନ୍ଦ କଲେଣି। କେତେଜଣ ଶିକ୍ଷକ ମଧ ଶିକ୍ଷା କାର୍ଯ୍ୟାଳୟକୁ ଯିବା ବାହାନାରେ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବଜାରରେ ବୁଲିବା ଓ ଘରକୁ ପଳାଇବା ଭଳି ସୂଚନା ପ୍ରଶାସନ ନିକଟରେ ରହୁଛି। ଏପରିସ୍ଥଳେ କେବଳ ଅଣଶିକ୍ଷକ ବା ଶିକ୍ଷାଦାନ କରୁ ନ ଥିବା ସରକାରୀ ସ୍କୁଲର କର୍ମଚାରୀମାନେ ଶିକ୍ଷା କାର୍ଯ୍ୟାଳୟକୁ ବିଦ୍ୟାଳୟ କାର୍ଯ୍ୟରେ ଆସିବା ପାଇଁ ଏବଂ ଆବଶ୍ୟକସ୍ଥଳେ ବିଭିନ୍ନ ଅଭିଯୋଗ, ସମସ୍ୟା, ଆବଶ୍ୟକତା ସମ୍ପର୍କରେ ଇମେଲରେ ଜିଲା ଓ ବ୍ଲକ କାର୍ଯ୍ୟାଳୟକୁ ଜଣାଇବା ପାଇଁ ଗିରି ଉଦ୍ଦିଷ୍ଟ ପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ କେବଳ ଶିକ୍ଷାନୁଷ୍ଠାନ କାର୍ଯ୍ୟ ନୁହେଁ ବ୍ଲକ୍ ଓ ଜିଲା ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷକ, କର୍ମଚାରୀଙ୍କ ବିଭିନ୍ନ କାର୍ଯ୍ୟକୁ ଜାଣିଶୁଣି ବିଳମ୍ବ କରାଯିବା, ବିଶେଷ ଉଦ୍ଦେଶ୍ୟ ନେଇ ଅନେକ ଦୂରଦୂରାନ୍ତ ଶିକ୍ଷକ କର୍ମଚାରୀଙ୍କୁ ଅଯଥାରେ ଜିଲା/ବ୍ଲକ ଶିକ୍ଷା ଅଫିସ୍‌କୁ ଆସିବା ପାଇଁ ବାଧ କରାଯାଉଛି। ତେବେ ଜିଲା ପ୍ରଶାସନର ଏପ୍ରକାର ପଦକ୍ଷେପକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି।

## ଧାନମଣ୍ଡଳ ସରପଞ୍ଚ ଉପନିର୍ବାଚନ

# ସରିଲା ଭୋଟ୍, ଆଜି ଫଳାଫଳ

ଚଣ୍ଡିଖୋଲ,୨୭ା୫(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ଶୁକ୍ରବାର ହୋଇଥିବା ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୨୮ ତାରିଖ ଶନିବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ଏସ୍‌ଡିପିଓ ଚିନ୍ମୟ ନାୟକ ଓ ବଡ଼ଚଣା ଥାନାଧିକାରୀ ସୁଶୀଲ ନାୟକଙ୍କ ନେତୃତ୍ୱରେ ୨ ମତଦାନ କେନ୍ଦ୍ରରେ ଆଇନଶୃଙ୍ଖଳା ରକ୍ଷାକରିବା ନିମନ୍ତେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୯ଟି ବୁଥ୍ ହୋଇଥିବା ବେଳେ ଶ୍ରୀଜଗନ୍ନାଥ ପ୍ରାଥମିକ ବିଦ୍ୟାଳୟର ୪ ବୁଥରେ ମତଦାନ ହୋଇଥିଲା। ୩୮୨୫ଭୋଟରଙ୍କ ମଧ୍ୟରୁ ୨୫୯୦ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିଥିଲେ, ଯାହାକି ମୋଟ୍ ଭୋଟ ସଂଖ୍ୟାର ୬୮ ପ୍ରତିଶତ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ନିର୍ବାଚନରେ ୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସୂଚନା ଥାଉକି, ଗତ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ପ୍ରାର୍ଥୀଙ୍କ ଦେହାନ୍ତ ହେବାରୁ ଏଠାରେ ନିର୍ବାଚନ ସ୍ଥଗିତ ରହିଥିଲା।



ମତଦାନ କେନ୍ଦ୍ରରେ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ଏସ୍‌ପିଙ୍କୁ ଭେଟିଲେ ଆକ୍ରମଣର ଶିକାର ପରିବାର

ପାଣିକୋଇଲି,୨୭ା୫(ଡି.ଏନ.ଏ.)

**ମରଣାନ୍ତକ ଆକ୍ରମଣ ମାମଲାର ଅଭିଯୁକ୍ତଙ୍କୁ ଧରୁନି ପୋଲିସ**

ପାଣିକୋଇଲି ଥାନା କରଦା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ଗତ ୧୨ ତାରିଖରେ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ନଂ.୧୧୪/୨୨ ରୁଜୁ କରିବା ସହ ଅଭିଯୁକ୍ତ ରାମଚନ୍ଦ୍ର ମଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଏବେ ବି ବୁଲୁଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରୁନାହିଁ। ତେଣୁ ଶୁକ୍ରବାର ଆକ୍ରମଣର ଶିକାର ପରିବାର ଏସ୍‌ପି ରାହୁଲ ପିଆର୍‌ଙ୍କୁ ଭେଟି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

କରଦା ଗ୍ରାମର ଶତ୍ରୁଘ୍ନ ମଲିକଙ୍କ ସ୍ତ୍ରୀ ସାରଥିଙ୍କ ଅଭିଯୋଗ ମୁତାବକ, ତାଙ୍କ ସ୍ୱାମୀ ବାଡ଼ ବୁଜୁଥିବା ବେଳେ ଦେଢ଼ଶୁର ରାମଚନ୍ଦ୍ର ଆସି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଶତ୍ରୁଘନ ଏହାର ବିରୋଧ କରିଥିଲେ। ଫଳରେ ରାମଚନ୍ଦ୍ର ଓ ତାଙ୍କ ପୁଅ ସୁରତ, ଶରତ, ହେମନ୍ତ ପ୍ରମୁଖ ଶତ୍ରୁଘନଙ୍କୁ ଆକ୍ରମଣ କରିଥିଲେ। ସାରଥି ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ଶତ୍ରୁଘନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ୨ ଅଧିକାରୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

**ସିସିଟିଭି ଆଧାରରେ ତଦନ୍ତ କରିବାକୁ ଜିଲାପାଳଙ୍କ ପ୍ରତିଶ୍ରୁତି**

ଯାଜପୁର ଟାଉନ,୨୭ା୫(ଡି.ଏନ.ଏ.)

ସୁକିନ୍ଦା ବ୍ଲକ ଅଧୀନ ବର୍ତ୍ତଣ୍ଡା ମହିଳା ମହାସଂଘର କର୍ମକର୍ତ୍ତା ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପ୍ରବନ୍ଧକ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଉଭୟ ଅଧିକାରୀ ଦୁର୍ବ୍ୟବହାର କରିଥିବା ନେଇ ସେମାନେ ଜିଲାପାଳଙ୍କୁ ଜଣାଇଛନ୍ତି।

ମହାସଂଘ ସଭାପତି ବନିତା ମଲ୍ଲିକ, ସମ୍ପାଦିକା ଅମିତା ବେହେରା, କୋଷାଧକ୍ଷା ଜାଉଁଳି ବେହେରାଙ୍କ ନେତୃତ୍ୱରେ କେତେଜଣ ସଭ୍ୟା ଦେଇଥିବା ଅଭିଯୋଗ ଅନୁସାରେ, ଗତ ମଙ୍ଗଳବାର ଉପରୋକ୍ତ ୨ ଅଧିକାରୀ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି। ସେଦିନ ମଧ୍ୟାହ୍ନରେ ସଭ୍ୟା ତିଳୋତ୍ତମା ପଲେଇ, ବାସନ୍ତୀ ବେହେରା, ସୁମିତ୍ରା ମଲ୍ଲିକ, ଚନ୍ଦନୀ ମାଝି, ଖୁଲଣା ସ୍ୱାଇଁ ପ୍ରମୁଖ ଉକ୍ତ ମହାସଂଘର ଏମ୍‌ବିକେ ଓ ସିଆରପିମାନଙ୍କ ଆର୍ଥିକ ଅନିୟମିତତା, ବର୍ଷ ବର୍ଷ ଧରି ଅଡିଟ୍ କରାଯାଉ ନ ଥିବା ଆଦି ପ୍ରସଙ୍ଗରେ ଅଭିଯୋଗ କରିବାକୁ ଡିଆରଡିଏ କାର୍ଯ୍ୟାଳୟ ପରିସରରେ ଥିବା ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପ୍ରବନ୍ଧକ ପ୍ରଶାନ୍ତ କୁମାର ପାଢ଼ୀଙ୍କୁ ସାକ୍ଷାତ କରିଥିଲେ। ମାତ୍ର ପ୍ରକଳ୍ପ ପ୍ରବନ୍ଧକ ପାଢ଼ୀ ଅଭିଯୋଗ ଶୁଣିବା ପରିବର୍ତ୍ତେ ସେମାନଙ୍କୁ ଧରି ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆଙ୍କ ଚ୍ୟାମ୍ବରକୁ ଡାକି ନେଇଥିଲେ। ତେବେ ମହିଳାମାନେ ଅଭିଯୋଗ ଉପସ୍ଥାପନ କରିବା ସମୟରେ ପାଢ଼ୀ ପ୍ରଥମେ ସେମାନଙ୍କୁ ଆକ୍ଷେପ ପୂର୍ବକ ଅପମାନିତ କରିଥିଲେ। ଏହାପରେ ପ୍ରକଳ୍ପ ନିର୍ଦ୍ଦେଶକ ବେହୁରିଆ ସେମାନଙ୍କ କଥା ନ ଶୁଣି ଜାତି, ଦାରିଦ୍ର୍ୟ, ଶିକ୍ଷାଗତ ଯୋଗ୍ୟତା ଓ ଗାଁ ଗହଳିର ସାଧାରଣ ମହିଳାଙ୍କ ଅବସ୍ଥାକୁ ଆଖି ଆଗରେ ରଖି ଅତି ହୀନ ଓ କଦର୍ଯ୍ୟ ଭାବରେ ସେମାନଙ୍କୁ ନିମ୍ନସ୍ତରର ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ ବୋଲି ମହିଳାମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତେବେ ଅଭିଯୋଗ ସତ କି ମିଛ ତାହାର ସିସିଟିଭି ଫୁଟେଜ୍‌କୁ ପରଖିଲେ ଜଣାପଡ଼ିବ ବୋଲି ମହାସଂଘ କର୍ମକର୍ତ୍ତା ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କଠାରେ ଫେରାଦ ହୋଇଛନ୍ତି। ସିସିଟିଭି ଓ ଅନ୍ୟ ପ୍ରମାଣ ଆଧାରରେ ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ଜିଲାପାଳ ସେମାନଙ୍କୁ ଆଶ୍ୱାସନା ଦେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକ ବେହୁରିଆଙ୍କୁ ପଚାରିବାରେ ସେ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ପ୍ରକଳ୍ପ ପ୍ରବନ୍ଧକ ପାଢ଼ୀଙ୍କ ମତାମତ ନେବାପାଇଁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନାହିଁ।

# ଟାଟା ଷ୍ଟିଲ୍ ପକ୍ଷରୁ ଜୈବ କଳା ବିବିଧତା ଦିବସ ପାଳିତ

କାଳିଆପାଣି,୨୭ା୫(ଡି.ଏନ.ଏ.)

କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟରତ ଟାଟାଷ୍ଟିଲ ମାଇନିଂ ପକ୍ଷରୁ ସୁକିନ୍ଦା ଖଣିରେ ଜାତୀୟ ଜୈବ କଳା ବିବିଧତା ଦିବସ ପାଳିତ ହୋଇଯାଇଛି। ଏଥିରେ ଜୈବ କଳା ବିବିଧତାରେ ପ୍ରକୃତି ସହ ଯୋଡ଼ି ହୋଇ ରହିଥିବା ରହସ୍ୟର ସନ୍ଧାନ କରିବା ଓ ତାହାକୁ ବିଭିନ୍ନ ପ୍ରକାର କଳା ଯଥା; କାନଭାସ, ପେଣ୍ଟିଂ ଓ କାଠର କଳାକୃତି ଆଦି ଜରିଆରେ ପରିପ୍ରକାଶ କରାଯାଇଥିଲା। କନଭେନ୍‌ସନ ବାଇଓ ଡାଇଭରସିଟି( ସିବିଡି) ସେକ୍ରେଟାରିଏଟ୍ ଦ୍ୱାରା ଜାରି କରାଯାଇଥିବା ଜୈବ ବିବିଧତା ଦିବସ ୨୦୨୨ 'ସମସ୍ତ ଜୀବନ ପାଇଁ ଏକ ସଂଗଠିତ ଭବିଷ୍ୟତ ଗଠନ' ଅନୁଯାୟୀ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଉଦ୍ୟମ କରାଯାଇଥିଲା।

ପାରମ୍ପରିକ ନୃତ୍ୟ ଜରିଆରେ ଅତିଥିଙ୍କୁ ସ୍ୱାଗତ କରାଯିବା ପରେ ଟାଟାଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜାଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ନିର୍ଦ୍ଦେଶକ ଡ. ନିହାର ରଞ୍ଜନ ସାହୁ, ଆନ୍ତର୍ଜାତିକ ଜୈବ ବିବିଧତା ବିଶେଷଜ୍ଞ ଡ. ରାଣ୍ଡାଲ ଡି ଗ୍ଲାହୋଲଟ ଲାଇଭ ଆର୍ଟ ଷ୍ଟଲ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସୁକିନ୍ଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଟାଟାଷ୍ଟିଲ ମାଇନିଂର ବରିଷ୍ଠ ମହାପ୍ରବନ୍ଧକ ସୁଶାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ଅଭିଯାନକୁ ପ୍ରଶଂସା କରି ଡ. ସାହୁ କହିଥିଲେ, ଏହା ଏକ ଉତ୍ସାହପ୍ରଦ ଅଭିଯାନ, ଯାହାକୁ ଜୈବ ବିବିଧତା ସଂରକ୍ଷଣ ଓ ଉନ୍ନତି ପାଇଁ ଟାଟାଷ୍ଟିଲ ଗ୍ରହଣ କରିଛି। ଏହା ବହୁ ପ୍ରକାର କଳାକୁ ମଞ୍ଚ ପ୍ରଦାନ କରିଥିବା ବେଳେ ଜୈବ ବିବିଧତା ସଂରକ୍ଷଣ ବାର୍ତ୍ତାର ପ୍ରଚାର କରି ପୁରାତନ କଳାକୁ ମଧ ପୁନଉଦ୍ଧାର କରିଛି। ଏହି ଅବସରରେ ପରିବେଶ ସେବା ସମୀକ୍ଷା, ଜୈବ ବିବିଧତା ପରିଚାଳନା ଯୋଜନା ଓ ପୁନରୁଦ୍ଧାର କ୍ଷେତ୍ରର ବିଶେଷଜ୍ଞ ଡ. ଗ୍ଲାହୋଲଟ କହିଛନ୍ତି, ସ୍ଥାନୀୟ କଳା, ସ୍ଥାନୀୟ ଫୁଲ ଓ ଲତା, ସ୍ଥାନୀୟ ଖାଦ୍ୟର ପୁନରୁଦ୍ଧାର ମଧ ଜୈବ ବିବିଧତା ପ୍ରସାରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାକୁ ବୁଝିବା ସହ ଏହି କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରି ଟାଟା ଷ୍ଟିଲ୍ ଲକ୍ଷ୍ୟ ହାସଲ ପ୍ରତି ଉଲ୍ଲେଖନୀୟ ଯୋଗଦାନ ପ୍ରଦାନ କରିବ। କାର୍ଯ୍ୟକ୍ରମରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସତିଜା କହିଛନ୍ତି, ଜୈବ ବିବିଧତା ସଂରକ୍ଷଣ ନେଇ ସଚେତନତା ବଢ଼ାଇବା ପାଇଁ କନଭେନସନ୍ ଅନ୍ ବାୟୋ ଡାଇଭରସିଟିର ସେକ୍ରେଟାରିଏଟ ପକ୍ଷରୁ ବ୍ୟବସାୟୀ ଲାଗି ଜୈବ ବିବିଧତାର ସଂରକ୍ଷଣ ନିମନ୍ତେ ଜାରି କରାଯାଇଥିବା ୨୨ ଆକ୍ସନ ପ୍ଲାନରୁ ଏହା ଅନ୍ୟତମ। ଏହି ଦିଗରେ ଟାଟା ଷ୍ଟିଲ ମାଇନିଂର ପ୍ରମୁଖ କାର୍ଯ୍ୟକ୍ରମ ଯାହା ଏହି ଉଦ୍ଦେଶ୍ୟରେ କିଛିଟା ସହଯୋଗ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣରେ ସାମିଲ ଥିଲା ହଜାରିବାଗର ସନ୍ଦୀପଙ୍କ ଡୋକ୍ରା କଳାର ଲାଇଭ୍ ଷ୍ଟଲ, ବବନ ମହାରଣାଙ୍କ ପଟ୍ଟଚିତ୍ର, ଜାମସେଦପୁରର ବାଦଲ ପରମାଣିକଙ୍କ ଚିତ୍ରକଳା, ହରିଚନ୍ଦନପୁରର ଟେରାକୋଟା କାମ, ସୁକିନ୍ଦାର ଯୋଗୀନ୍ଦର କୁମାର ପୃଷ୍ଟିଙ୍କ ପୁଆଲ (ନଡା) କଳା, ବାଲୁକା କଳା ଷ୍ଟଲ, ମଧୁସୂଦନ ମାଝିଙ୍କ ସଉରା କଳା ଓ ଜାତୀୟ ପୁରସ୍କାର ବିଜେତା ରବୀନ୍ଦ୍ର ମହାରଣାଙ୍କ ପଥର ଖୋଦେଇ କଳା ଓ ଚାଉଳ କଳା। ଜୈବ କଳା ବିବିଧତା କାର୍ଯ୍ୟକ୍ରମକୁ ସୁକିନ୍ଦା ଅଞ୍ଚଳର ସ୍କୁଲ୍ ପିଲାଙ୍କ ସମେତ ୩୦୦ରୁ ଅଧିକ ଲୋକ ପରିଦର୍ଶନ କରିଥିଲେ।



ଅତିଥି ଲାଇଭ ଆର୍ଟ ଷ୍ଟଲ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### କରୋନାରେ ମୃତ ହୋମ୍‌ଗାର୍ଡଙ୍କ ପରିବାରକୁ ସହାୟତା

**ଛତ୍ରପୁର,୨୭।୫(ଡି.ଏନ୍.ଏ.):** କରୋନାରେ ପ୍ରାଣ ହରାଇଥିବା କୋଭିଡ ଯୋଦ୍ଧା ତଥା ଗଞ୍ଜାମ ପୋଲିସ ଜିଲା ଅଧୀନ ତାରସିଂ ଥାନାର ହୋମଗାର୍ଡ ସତ୍ୟ ନାରାୟଣ ସେଠୀଙ୍କ ପରିବାରକୁ ଶୁକ୍ରବାର ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ସତ୍ୟନାରାୟଣଙ୍କ ମା' ବାପାଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସତ୍ୟନାରାୟଣ ୨୦୦୯ ଫେବୃୟାରୀ ୮ରେ ତାରସିଂ ଥାନାରେ ହୋମଗାର୍ଡ ଭାବେ ଯୋଗ ଦେଇଥିଲେ। ୨୦୨୦ ଜୁଲାଇ ୨୯ରେ କରୋନାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଗାଡ଼ି ଚାଳକଙ୍କୁ କୋର୍ଟ ଚାଲାଣ

**ଦିଗପହଣ୍ଡି,୨୭।୫(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ଶୁକ୍ରବାର ଭଦ୍ରକ ଜିଲା ଧାନନଗର ଥାନା ସୋହଲା ଗ୍ରାମର ଗାଡ଼ି ଚାଳକ ଶୈଳେନ୍ଦ୍ର କୁମାର ଦାସଙ୍କୁ ଥାନା ମାମଲା ନଂ.୮୧/୨୨ଅନୁଯାୟୀ କୋର୍ଟ ଚାଲାଣ କରିଛି। ଦିଗପହଣ୍ଡି - ତପ୍ତପାଣି ୩୨୬ ନଂ. ଜାତୀୟ ରାଜପଥର ଡେଙ୍ଗାଓସ୍ତା ଗ୍ରାମ ନିକଟ ଆଦର୍ଶ ବିଦ୍ୟାଳୟ ଜୟଗୁରୁ ଆଶ୍ରମ ନିକଟରେ ଗୁରୁବାର ୫ଟାରେ ଏକ ସରକାରୀ ଯାତ୍ରୀବାହୀ ବସ ଧକ୍କାରେ ଭଦ୍ରକ ଜିଲା ଧାନନଗର ଥାନା ସୋହଲା ଗ୍ରାମର ବୁଡୁ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ବସଟି ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ବିପରୀତ ଦିଗରୁ ବୁଡୁ ଦିଗପହଣ୍ଡିରୁ ଏକ ବାଇକ ଯୋଗେ ଗଜପତି ଜିଲା ମୋହନା ଗାଁକୁ ଯାଉଥିଲେ। ବସ ଧକ୍କାରେ ଗୁରୁତର ବୁଡୁଙ୍କୁ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ବୁଡୁଙ୍କ ଭାଇ ଶୁଭେନ୍ଦୁ ପାତ୍ର ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେବାପରେ ପୋଲିସ ମାମଲା ରୁଜୁ କରିଥିଲା।

### ବିଦ୍ୟୁତ୍ ସଂଯୋଗ ନ ହେଲେ ଆନ୍ଦୋଳନ

**ସୋରଡା,୨୭।୫(ଡି.ଏନ୍.ଏ.):** ଅଖିଳ ଭାରତ କିଷାନ ମଜଦୁର ସଭା ସୋରଡା ବ୍ଲକ କମିଟି ତରଫରୁ ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀଙ୍କୁ ୪ଟି ଗ୍ରାମରେ ଶୀଘ୍ର ବିଦ୍ୟୁତ୍ ସଂଯୋଗ କରିବାକୁ ଶୁକ୍ରବାର ପତ୍ର ଲେଖାଯାଇଛି। ସିଦ୍ଧପୁର ପଞ୍ଚାୟତର ରଘୁନାଥପୁର, କମଳାଖାଇ, ସରାବାଡି ପଞ୍ଚାୟତର ମଇଁଷିଆପଦା, ଅସୁରବନ୍ଧ ପଞ୍ଚାୟତ ଅନଳଝୋଲି ଗ୍ରାମର ୧୦୦ରୁ ଅଧିକ ପରିବାରରେ ବିଦ୍ୟୁତ୍ ସଂଯୋଗ ନାହିଁ। ବହୁବାର ପ୍ରଶାସନିକ ଦାବି ପରେ ମଧ ସମସ୍ୟା ସମାଧାନ ହୋଇପାରିନି। ଶୁକ୍ରବାର ଏ ସମ୍ପର୍କରେ ଜିଲାପାଳ, ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯିବା ସହ ୧୦।୦୬।୨୦୨୨ ସୁଦ୍ଧା ସମାଧାନ ନ ହେଲେ ୧୭।୦୬।୨୦୨୨ରେ ସମସ୍ତେ ରାଜରାସ୍ତାକୁ ଆସି ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଗଣଧରଣା ଦେବୁ ବୋଲି ଉଲ୍ଲେଖ କରିଛନ୍ତି।

# ସଚଳ ହୋଇପାରୁନି ନୂଆ ବସ୍‌ଷ୍ଟାଣ୍ଡ

**ନୟାଗଡ଼ ଅଫିସ,୨୭।୫**

- ୨୨ ବର୍ଷ ଧରି ଚାଲିଛି କାର୍ଯ୍ୟକ୍ଷମର ଡ୍ରାମା
- କିଛି ଦିନ ପରେ ବସ୍ ନ ଯିବାର କାରଣ ଖୋଜାଯାଉନି
- ବୈଠକରେ ସମର୍ଥନ, ପଛରେ ବିରୋଧ କରୁଛି ବସ୍ ମାଲିକ ସଂଘ

ନୟାଗଡ଼ ପୁରୁଣାସହରର ନୂଆ ବସ୍‌ଷ୍ଟାଣ୍ଡକୁ ଚାଲୁ କରିବାକୁ ୨୨ବର୍ଷ ହେଲା କାର୍ଯ୍ୟକ୍ଷମର ଡ୍ରାମା ଚାଲିଛି। ବିଭିନ୍ନ ସମୟରେ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯାଉଛି। କିଛିଦିନ ବସ୍ ଯିବା ପରେ ପୁଣି ଅଖୋଜା ଅଲୋଡା ହୋଇଯାଉଛି ନୂଆ ବସ୍‌ଷ୍ଟାଣ୍ଡ। ନୟାଗଡ଼ ଟ୍ରାଫିକ ଛକରେ ଥିବା ବସ୍‌ଷ୍ଟପ୍ ବସ୍‌ଷ୍ଟାଣ୍ଡ ଭଳି କାମ କରୁଛି। ତେବେ ପ୍ରଶ୍ନ ଉଠୁଛି ନୂଆ ବସ୍‌ଷ୍ଟାଣ୍ଡକୁ କାହିଁକି ଅଚଳ କରି ରଖାଯାଉଛି। ଏହାର ଭିତିରି ରହସ୍ୟ ଉନ୍ମୋଚନ ନ ହେବା ପର୍ଯ୍ୟନ୍ତ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବନି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଉ ବୋଲି ବୈଠକରେ ବସ୍ ମାଲିକ ସଂଘ ସହଯୋଗ ଓ ସମର୍ଥନ କରୁଛି। ହେଲେ ପରବର୍ତ୍ତୀ ସମୟରେ ନୂଆ ବସଷ୍ଟାଣ୍ଡକୁ ବସ୍ ନେବାବେଳେ ବିରୋଧ କରାଯାଇ ନିଆଯାଉନି। ଏଣୁ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରୁନି। ୧୯୯୨ ମସିହାରେ ନୂଆ ବସ୍‌ଷ୍ଟାଣ୍ଡ ଶୁଭ ଦିଆଯାଇଥିଲା। ବସ୍‌ଷ୍ଟାଣ୍ଡ ନିର୍ମାଣ ପରେ ବିଭିନ୍ନ ସମୟରେ ଏହା କାର୍ଯ୍ୟକ୍ଷମ କରାଯାଇଛି। ଶେଷଥର ୨୦୨୧ ଡିସେମ୍ବର ୨୨ରେ ୪.୪୨ କୋଟି ଟଙ୍କା ବ୍ୟୟରେ ନୂଆ ବସ୍‌ଷ୍ଟାଣ୍ଡ ପୁନଃ କାର୍ଯ୍ୟକ୍ଷମ ହୋଇଥିଲା।



ଉପଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ଏହାପରେ ପୁରୁଣା ବସ୍‌ଷ୍ଟାଣ୍ଡରୁ ବସ୍ ନୂଆ ବସ୍‌ଷ୍ଟାଣ୍ଡକୁ ଆସିଥିଲା। କିଛିଦିନ ସବୁ ଠିକ୍‌ଠାକ୍ ଚାଲିଥିଲା। ହେଲେ ପରେ ଆଉ ବସ୍ ଯାଇ ନ ଥିଲା।

### ଜୁନ୍ ୧ରେ ଗଡ଼ିବ ବସ୍

ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର କୁହନ୍ତି, ଜୁନ ୧ରେ ନୂଆ ବସ୍‌ଷ୍ଟାଣ୍ଡକୁ ବସ ଗଡ଼ିବ। ଏ ନେଇ ଜିଲା ପ୍ରଶାସନ, ପୌର ପ୍ରଶାସନ, ନୟାଗଡ଼ ବସ ଆସୋସିଏଶନ, ବଣିକ ସଂଘ ସହ ବାରମ୍ବାର ଆଲୋଚନା କରାଯାଇଛି। ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ନୂଆ ବସ୍‌ଷ୍ଟାଣ୍ଡର ଦୋକାନ ଘରଗୁଡ଼ିକୁ କାର୍ଯ୍ୟକ୍ଷମ ନେଇ ବିଦ୍ୟୁତ୍ ବିଭାଗ ସହ ଆଲୋଚନା କରାଯାଇ ସଂଯୋଗ ଦିଆଚାଲିଛି। ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ପୁରୁଣା ବସ୍‌ଷ୍ଟପ୍‌ରେ ବାରିକେଡ କରାଯିବ। ସେହିପରି ବସ୍ ନୂଆ ବସ୍‌ଷ୍ଟାଣ୍ଡରୁ ଆସିବା ସମୟରେ ପୁରୁଣା କୋର୍ଟ ସମ୍ମୁଖରେ କିଛି ସମୟ ଅଟକି ରହିବ ବୋଲି ବସ୍ ଆସୋସିଏଶନ ପକ୍ଷରୁ ଦାବି ରହିଛି। କେଉଁଠି ବସ୍‌ଷ୍ଟପ ରହିବ ସେ ନେଇ ସ୍ଥାନ ଚିହ୍ନଟ ଆରମ୍ଭ ହୋଇଛି।

### ନିଷ୍ପତ୍ତି ପଛରେ କେଁ

ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ପାଇଁ ସବୁବେଳେ ନିଷ୍ପତ୍ତି ନିଆଯାଉଛି। ହେଲେ ପ୍ରତିଥର କେଁ ପୂରାଇ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରୁନି। ଏ ନେଇ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ପ୍ରଶାସନକୁ ୭ ଦିନ ସମୟ ଦିଆଯାଇଛି। କଣ୍ଟ ଭିତରେ ଦାବି ପୂରଣ ନ ହେଲେ କଂଗ୍ରେସ ଦଳ ଆନ୍ଦୋଳନକୁ ଓହ୍ଲାଇବ। ତେବେ ସାଇଟ୍ ସିଲେକ୍ସନ ଠିକ୍‌ରେ ହୋଇନି ବୋଲି କେତେଜଣ ବସ୍ ମାଲିକ ଅଭିଯୋଗ କରି ନୂଆ ବସ୍‌ଷ୍ଟାଣ୍ଡକୁ ଅକାମୀ କରି ରଖିଛନ୍ତି। ଏ ନେଇ ପ୍ରଶାସନ ଅବଗତ ହେବା ଦରକାର। ଅନ୍ୟପକ୍ଷେ କଂଗ୍ରେସର ଆନ୍ଦୋଳନ ଡାକରାକୁ ଆଖି ଆଗରେ ରଖି ଜୁନ୍ ୧ରେ ନୂଆ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ପ୍ରଶାସନର ପଦକ୍ଷେପକୁ ଦେଖି ଦଳ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ଦାଶ କହିଛନ୍ତି। ନୟାଗଡ଼ ଏନ୍‌ଏସି ପୂର୍ବତନ ଅଧକ୍ଷ ଭବାନୀ ଦାଶ କୁହନ୍ତି, ରାଜ୍ୟର ସବୁ ସ୍ଥାନରେ ସହରଠାରୁ ଦୂରରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ନୟାଗଡ଼ରେ ମଧ ଠିକ୍ ସ୍ଥାନରେ ବସ୍‌ଷ୍ଟାଣ୍ଡ ହୋଇଛି। ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲେ କିଛି ଅସାମାଜିକ ଲୋକଙ୍କ ରୋଜଗାର ବନ୍ଦ ହୋଇଯିବ। ହୋଟେଲ, ବ୍ୟବସାୟ ପ୍ରତିଷ୍ଠାନର ବେପାର କମିଯିବ। ଏଣୁ ଜାଣିଶୁଣି ନୂଆ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଇ ଦିଆଯାଉନି ବୋଲି ସେ କହିଛନ୍ତି।

## ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଜଣେ ମୃତ

**ଶେରଗଡ଼,୨୭।୫(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକ ଅନ୍ତର୍ଗତ ପୂର୍ତ୍ତ ବିଭାଗ ବଙ୍ଗଳାଠାରୁ ହରିକୃଷ୍ଣପୁର ଗ୍ରାମରେ ରାସ୍ତା ତିଆରି ପାଇଁ ଟିପ୍ପର ଯୋଗେ ଜିନିଷ ଢାଳୁଥିବା ବେଳେ ଶୁକ୍ରବାର ୧୧ କେଭି ବିଦ୍ୟୁତ୍ ତାର ଲାଗି ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଟିପ୍ପରର ହେଲପର ବଳିଆ ଗୌଡ଼। ପୂର୍ତ୍ତ ବିଭାଗ ବଙ୍ଗଳାଠାରୁ ହରିକୃଷ୍ଣପୁରକୁ ସଂଯୋଗ କରୁଥିବା ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ଚାଲିଛି। ସକାଳେ ସେହି ରାସ୍ତା ତିଆରି ପାଇଁ ଆଣିଥିବା ଜିନିଷକୁ ଏକ ଟିପ୍ପର ଢାଳୁଥିବା ବେଳେ ଗାଡ଼ିର ଡାଲାଟି ରାସ୍ତା ପାର୍ଶ୍ୱ ଦେଇ ଯାଇଥିବା ୧୧କେଭି ତାରରେ ଲାଗିଥିଲା। ଫଳରେ ବଳିଆ ଗାଡିର ସେହି ପାର୍ଶ୍ୱ ପଟେ ଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କୁ ଶେରଗଡ଼ ଡାକ୍ତରଖାନାକୁ ନିଆଯାଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଶେରଗଡ଼ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଟିପ୍ପରକୁ ଜବତ କରିଛି। ଏ ନେଇ ନଂ. ୧୫୪/୨୨ରେ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବେଚ୍ଛେଦ ପାଇଁ ଆସିକା ପଠାଯାଇଛି।

## ୫ ଜଣଙ୍କ ମଧ୍ୟରୁ ୪ ଜେଲ ଗଲେ



ଜବତ ଗାଡି ସହ ଲୁହାରଡ଼।

**ନୟାଗଡ ଅଫିସ/ରଣପୁର, ୨୭।୫ (ସ୍ୱ.ପ୍ର.)**

ଲୁହା ରଡ ଚୋରି ଅଭିଯୋଗରେ ଚାନ୍ଦପୁର ଥାନା ପୋଲିସ ଅଟକ ରଖିଥିବା ୫ ଜଣଙ୍କ ମଧ୍ୟରୁ ୪ଜଣଙ୍କୁ ଗିରଫ ଦେଖାଇ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସ୍ଥାନୀୟ ଚମ୍ପାଗଡ଼ ଶ୍ରୀକୃଷ୍ଣପୁରର ବସନ୍ତ ପ୍ରଧାନ, ବିହାରର ଦୁଇ ଡ୍ରାଇଭର ଏମଡି ବାଇଲାଲ ଓ ଏମଡି ସାହାନବାଜ୍, ଝାଡଖଣ୍ଡର ଡ୍ରାଇଭର ସହୀଦ୍ ଆଫ୍ରିଦଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧା ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ଗାଡି ଗୁରୁବାର ଚମ୍ପାଗଡ ନିକଟସ୍ଥ ରୟାଲ କଟେଜ ଢ଼ାବା ପଛ ପାଖରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବୋଝେଇ ହୋଇଥିବା ୨ଟି ଲୁହାରଡ ଟ୍ରଲର ଜବତ କରିଥିଲା। ଏହି ଘଟଣାରେ ଟ୍ରଲର ଡ୍ରାଇଭର ସମେତ ୫ଜଣଙ୍କୁ ଅଟକ ରଖିଥିଲା। ପରେ ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁସାରେ, ଗାଡି ଓ ଅଟକ ବ୍ୟକ୍ତିଙ୍କୁ ଚାନ୍ଦପୁର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ଚାନ୍ଦପୁର ପୋଲିସ ନଂ. ୧୭୯/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ପ୍ରାପ୍ତସୂଚନା ଅନୁସାରେ, ବହୁଦିନ ହେଲା ଚମ୍ପାଗଡରେ ଲୁହା ରଡ, ପେଟ୍ରୋଲ, ଡିଜେଲ, ମାଙ୍ଗାନିଜ ପରି ବିଭିନ୍ନ ନାମିଦାମୀ ଉପକରଣ ଚୋରାରେ ରଖାଯାଉଥିଲା। ଜାତୀୟ ରାଜପଥରେ ଯାଉଥିବା ମାଲ ବୋଝେଇ ଟ୍ରକ୍‌ଗୁଡିକରୁ ଡ୍ରାଇଭର ସହ ସଲାସୁତରା କରି ଏହି ଉପକରଣ ଚୋରାରେ ସଂଗ୍ରହ ହେଉଥିଲା। ପରେ ଏଗୁଡିକୁ ସ୍ୱଳ୍ପ ଦାମରେ ବିଭିନ୍ନ ଅଞ୍ଚଳକୁ ପଠାଯାଉଥିଲା। ଏ ନେଇ ବିଭିନ୍ନ ସମୟରେ ଚାନ୍ଦପୁର ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ ଶୁଣି ନ ଥିଲା ବୋଲି ଅଭିଯୋଗ ହୋଇ ଆସୁଥିଲା। ଏହି ଚୋରା ଚାଲାଣ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଚୋରା ଉପକରଣ ବୋଝେଇ ୨ଟି ଟ୍ରଲରକୁ ଅଟକାଇ ଖୋର୍ଦ୍ଧା ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ଗାଡିକୁ ଦେଇଥିଲେ।

## ଜୁଆ : ୩ ଗିରଫ

**୨ ବାଇକ, ୩ ଲକ୍ଷ ୮୮ ହଜାର ଜବତ**

**ଚିକିଟି,୨୭।୫(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଅନ୍ତର୍ଗତ ଧାନଘର ଫାଣ୍ଡି ଅନ୍ତର୍ଗତ ମେଣ୍ଟାଗ୍ରାମ ନିକଟରେ ଥିବା ଜଙ୍ଗଲରେ ଦୀର୍ଘ ମାସ ଧରି ଚାଲିଥିବା ଜୁଆ ଆଡ୍ଡା ଉପରେ ଗୁରୁବାର ମଧ୍ୟରାତି ଚଢ଼ାଉ କରି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଜୁଆ ଆଡ୍ଡାରୁ ୨ ବାଇକ, ନଗଦ ୩ ଲକ୍ଷ ୮୮ ହଜାର ଟଙ୍କା ଜବତ ହୋଇଛି। ଶୁକ୍ରବାର ତିନି ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରିଛି। କୋଟିଲିଙ୍ଗି ପଞ୍ଚାୟତ, ମେଣ୍ଟାଗାଁ ଜଙ୍ଗଲ ଆନ୍ଧ୍ର ସୀମାନ୍ତରେ ରହିଥିବାରୁ ରମ୍ଭା, କୋଟିଲିଙ୍ଗି ସମେତ ଆନ୍ଧ୍ରର ଇଚ୍ଛାପୁର, ସୋମପେଟା ପ୍ରଭୃତି ଅଞ୍ଚଳରୁ ପ୍ରାୟ ଜୁଆଡ଼ି ଭିଡ଼ ଜମାଇ ଜୁଆ ଆଡ୍ଡା ଜମାଇଥିଲେ। ମେଣ୍ଟାଗାଁ ଏବଂ ଆନ୍ଧ୍ରର ଜଣେ ଦଲାଲ ମିଶି ବହୁ ମାସ ଧରି ଏହି ଜୁଆ ଆଡ୍ଡା ଚଳାଉଥିଲେ। କିନ୍ତୁ ଏନେଇ ଦୀର୍ଘ ଦିନ ହେଲା ଅଭିଯୋଗ ହୋଇଆସୁଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିଥିଲା।

## ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଅଧାରୁ ବନ୍ଦ

**ଓଡ଼ଗାଁ, ୨୭।୫ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ବସ୍‌ଷ୍ଟାଣ୍ଡ ମୋଡଠାରୁ ହନୁମାନ ଛକ ଓ ମନ୍ଦିର ରାସ୍ତାରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟତଃ ରାସ୍ତାରେ ବଜାର ରହିଥିବାବେଳେ ଦୁଇଶହରୁ ଊର୍ଦ୍ଧ୍ୱ ଦୋକାନ ଘର ରହିଛି। ହେଲେ ଏହି ରାସ୍ତାର ଉଭୟପାର୍ଶ୍ୱରେ ପ୍ରାୟତଃ ସମସ୍ତ ଦୋକାନୀ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନକୁ ଅବରୋଧ କରିଛନ୍ତି। ତା' ଉପରେ ନିଜ ଦୋକାନ ବାରଣ୍ଡା, ଘର କରି ଜବରଦଖଲରେ ରଖିଥିବା ପ୍ରଶାସନର ଦୃଷ୍ଟି ଗୋଚର ହୋଇଥିଲା। ରାସ୍ତାରେ ୫ଟି ସମବାୟ ତଥା ଜାତୀୟ କରଣ ବ୍ୟାଙ୍କ ରହିଛି। ହେଲେ କେବଳ ଷ୍ଟେଟ ବ୍ୟାଙ୍କ ବ୍ୟତୀତ ଅନ୍ୟ ୪ ବ୍ୟାଙ୍କରେ ଯାନବାହାନ ପାର୍କିଂ ବ୍ୟବସ୍ଥା ନାହିଁ। ଏପରିସ୍ଥଳେ ଶତାଧିକା ଦୋକନ ଗୃହ ସହ ସମସ୍ତ ବ୍ୟାଙ୍କର ଜନସମାଗମ ରହିବା ସ୍ୱାଭାବିକ। ଏସବୁ କାରଣରୁ ଏହି ରାସ୍ତାକୁ ପ୍ରଶସ୍ତୀକରଣ କରିବା ସହ ଲୋକଙ୍କ ଦ୍ୱାରା ଅବରୋଧ ହୋଇ ରହିଥିବା ଡ୍ରେନ ପୁନରୁଦ୍ଧାର ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ୧ କୋଟି ଟଙ୍କା ସରକାରୀ ଅନୁଦାନ ମଞ୍ଜୁର ହୋଇଥିବାବେଳେ ମନ୍ତ୍ରୀ ଅରୁଣ ସାହୁଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଶୀଘ୍ର କାର୍ଯ୍ୟାରମ୍ଭ ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଏଥିପାଇଁ ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ କରିବା ଲାଗି ଏନ୍‌ଏସି ପକ୍ଷରୁ ଏକାଧିକବାର ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ବ୍ୟବସାୟୀଙ୍କୁ ସତର୍କ କରାଯାଇଥିଲା। ହେଲେ ବ୍ୟବସାୟୀମାନେ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ପୂର୍ବ ନିଷ୍ପତ୍ତି ଅନୁସାରେ ଶୁକ୍ରବାର ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ସହ ପୋଲିସ ଫୋର୍ସ ଉପସ୍ଥିତିରେ ଦୁଇଟି ଜେସିବି ଦ୍ୱାରା ଡ୍ରେନ ଉପର ଥିବା ଘରର ଟାଇ, ସ୍ଲାବ ଆଦି ଭାଙ୍ଗିବା କାର୍ଯ୍ୟାରମ୍ଭ ହୋଇଥିଲା। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଦୋକାନୀଙ୍କ ଘର ସମ୍ମୁଖ ଉଚ୍ଛେଦ ପ୍ରକ୍ରିୟା ଶେଷ ହୋଇଥିଲା। ହେଲେ ଅନ୍ୟ କେତେଜଣ ବ୍ୟବସାୟୀ ବିନା ମାପଚୁପରେ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିଥିଲେ। ଫଳତଃ ଉଚ୍ଛେଦ ପ୍ରକ୍ରିୟାକୁ ପ୍ରଶାସନ ସାମୟିକ ସ୍ଥଗିତ ରଖିଛି। ସ୍ଥାନୀୟ ତହସିଲଦାର ଓ ପୂର୍ତ୍ତ ବିଭାଗ ଦ୍ୱାରା ମାପଚୁପ ପରେ ପୁଣି ସପ୍ତାହକ ମଧ୍ୟରେ ଉଚ୍ଛେଦ ପ୍ରକ୍ରିୟାକୁ କାର୍ଯକାରୀ କରାଯିବ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ ଜେନା ଓ ଆଇଆଇସି ପଟ୍ଟାୟତ ସୂଚନା ଦେଇଛନ୍ତି।

### ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ରାସ୍ତା ନବୀକରଣ



ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ ସଭା



**ଖଣ୍ଡପଡ଼ା,୨୭।୫ (ସ୍ୱ.ପ୍ର.)**

ନୟାଗଡ ଜିଲାର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସହଦେବ ବେହେରା(୯୯)ଙ୍କ ବିୟୋଗରେ କଣ୍ଟିଲୋ ଅଞ୍ଚଳରେ ଶୁକ୍ରବାର ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କଣ୍ଟିଲୋ ନାଗରିକ ମଞ୍ଚ ତଥା ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପାର୍କ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଭାକର ଶିରୋମଣି ପରିଚାଳନା କରିଥିଲେ। ପ୍ରଥମେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ସମ୍ପୃକ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ସଦସ୍ୟ ଶ୍ରୀପତି ମହାରଣା, ପ୍ରସନ୍ନ କୁମାର ସାହୁ, ପ୍ରମୁଖ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ତଥା ଖଣ୍ଡପଡା ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିବା ସଂଗ୍ରାମୀଙ୍କ ବିୟୋଗରେ ଅଞ୍ଚଳବାସୀ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ହରାଇଲା ବୋଲି ମତ ପ୍ରକାଶ କରିଥିଲେ। ଇଂରେଜ ଶାସନ କାଳରେ ତତ୍କାଳୀନ ରାଜ ପରିବାରର ଶାସନକୁ ବିରୋଧ କରି ଅକଥନୀୟ ନିର୍ଯାତନା ଭୋଗ କରି ୨ ବର୍ଷ କଟକ ଜିଲା ବୈଦେଶ୍ୱର ଅଞ୍ଚଳରେ ଆତ୍ମଗୋପନ କରି ରହିଥିଲେ। ସ୍ୱର୍ଗତ ବେହେରା ଜିଲାସ୍ତରରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ସମ୍ମାନିତ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମରେ ବିଶେଷ ଅବଦାନ ପାଇଁ କ୍ରାନ୍ତି ଦିବସରେ ସେ ୪ର୍ଥ ଥର ପାଇଁ ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ହୋଇଥିବା ସ୍ମୃତିଚାରଣ ସଭାରେ ମତପ୍ରକାଶ ପାଇଥିଲା। ସ୍ୱର୍ଗତ ବେହେରାଙ୍କ ସମ୍ମାନ ପାଇଁ ଜିଲାସ୍ତରୀୟ କାର୍ଯ୍ୟକ୍ରମ କରାଯିବାକୁ ନୟାଗଡ଼ ଜିଲାପାଳଙ୍କୁ ଅବଗତ କରିବାକୁ ପ୍ରସ୍ତାବ ଗ୍ରହଣ କରାଗଲା। ସେହିପରି ଶୁକ୍ରବାର କଣ୍ଟିଲୋ ନୀଳମାଧବ ସ୍ପୋର୍ଟସ ଅସୋସିଏଶନ ଭଳି ଟିମ ପକ୍ଷରୁ କ୍ରୀଡାବିତ୍ ଶତ୍ରୁଘ୍ନ ବେହେରାଙ୍କ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡିଆଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ ଛାମୁପାଟଣା ଗାଁର ସ୍ୱର୍ଗତ ବେହେରାଙ୍କ ସୋମବାର କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଥିଲା।

## ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ନୟାଗଡ଼ ଅଫିସ,୨୭।୫**

- ଗୁଣ୍ଡୁରି ପଡ଼ିଆ ମାଲିକାନାକୁ ନେଇ ବିବାଦ ତେଜିଲା
- କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ବନ୍ଦ ନ ହେଲେ ଆନ୍ଦୋଳନ

ନୟାଗଡ଼ ସହର ଦେବୋତ୍ତର କଲୋନୀ ୫ମ ଲେନ୍‌ସ୍ଥିତ ଗୁଣ୍ଡୁରୀ ପଡ଼ିଆରେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଅତ୍ୟାଧୁନିକ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧ କରାଯାଉଛି। ଗୁଣ୍ଡୁରୀ ପଡ଼ିଆ ମାଲିକାନା ନେଇ ମ୍ୟୁନିସିପାଲିଟି ଓ କଇଥଗାଡ଼ିଆ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଥିବାବେଳେ ନିର୍ମାଣ କାର୍ଯ୍ୟ କରାଯିବାରୁ ଶୁକ୍ରବାର କଇଥଗାଡ଼ିଆ ଗ୍ରାମବାସୀ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବାକୁ ତହସିଲଦାର, ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏସ୍‌ଡିପିଓ ଓ ଟାଉନ ଥାନା ଆଇଆଇସି ଉଦ୍ୟମ କରିଥିଲେ। ହେଲେ ଆନ୍ଦୋଳନକାରୀ ଯୁକ୍ତି ବାଢ଼ିଥିଲେ ଗୁଣ୍ଡୁରି ପଡିଆକୁ କୌଣସି ପରିସ୍ଥିତିରେ ଛାଡ଼ିବେ ନାହିଁ। ନିର୍ମାଣ କାର୍ଯ୍ୟ ବନ୍ଦ ନ ହେଲେ ଆନ୍ଦୋଳନ ତ୍ୱରାନ୍ୱିତ ହେବ ଦର୍ଶାଇ ସାମୟିକ ସମୟ ପାଇଁ ଆନ୍ଦୋଳନରୁ ହଟି ଥିଲେ।

ସୂଚନାଯୋଗ୍ୟ, ଖୁଣ୍ଟୁବନ୍ଧ ପଞ୍ଚାୟତର ଜାମୁସାହି ମୌଜାରେ ରହିଛି ଗୁଣ୍ଡୁରି ପଡ଼ିଆ। ଏହି ପଡ଼ିଆରେ କଇଥଗାଡ଼ିଆ ଗାଁ ଲୋକଙ୍କ ଗୋରୁ ଚରୁଥିଲେ। ତେବେ ଏହି ପଡ଼ିଆରେ ୨୦୧୮ରେ ନୟାଗଡ଼ ପୌରାଞ୍ଚଳ ପକ୍ଷରୁ ୫୭ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଉଦ୍ୟମ କରାଯାଇଥିଲା। କଇଥଗାଡ଼ିଆ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏପରିକି ଜାମୁସାହି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ହାଇକୋର୍ଟରେ ଷ୍ଟେ କରାଯାଇଥିଲା। ହେଲେ କିଛିଦିନ ପରେ ରହିତାଦେଶ ହଟିଯାଇଥିଲା। ରହିତାଦେଶ ହଟିବା ପରେ ନୟାଗଡ଼ ପୌରାଞ୍ଚଳ ପକ୍ଷରୁ ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁରୁଣା ଟେଣ୍ଡରକୁ ରିଭାଇଜ କରାଯାଇ ୭୯ ଲକ୍ଷ ପୁନଃ ଟେଣ୍ଡର ହୋଇଥିଲା। ହେଲେ ୧୪.୯୯ ପ୍ରତିଶତ ଲେସ୍ ଯୋଗୁ ୬୭ ଲକ୍ଷ ଟଙ୍କାରେ କାମ ମେ ୬ରୁ ଆରମ୍ଭ ହୋଇଥିଲା। ନିର୍ମାଣ କାର୍ଯ୍ୟ ଚାଲୁ ପରେ ବିବାଦୀୟ ପରିସ୍ଥିତି ଦେଖାଦେଇଥିଲା। ଗୁରୁବାର ନିର୍ମାଣ କାର୍ଯ୍ୟକୁ ଗାଁଲୋକ ବନ୍ଦ କରାଇଥିଲେ। ଘଟଣାସ୍ଥଳରେ ପୋଲିସ ଓ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ସମାଧାନର ବାଟ ଫିଟି ନ ଥିଲା। ଶୁକ୍ରବାର ପୁଣି ମ୍ୟୁନିସିପାଲିଟି ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏ ନେଇ କଇଥଗାଡିଆ ଗାଁର ବିଚାରକ କମିଟି ସଭ୍ୟ କୁଳମଣି ବରାଡ କୁହନ୍ତି, ଗୁଣ୍ଡୁରି ପଡିଆରେ ମ୍ୟୁନିସିପାଲିଟି ପକ୍ଷରୁ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଚାଲିଛି। ପ୍ରଶାସନ ପକ୍ଷରୁ ଗାଁଲୋକଙ୍କୁ ସହଯୋଗ ମିଳୁନି। ଧାରଣା ଦେବା ପରେ ଗୁଣ୍ଡୁରି ପଡିଆରେ ଗାଁଲୋକ କ'ଣ କରିବାକୁ ଚାହୁଁଛନ୍ତି ଲିଖିତ ଭାବେ ଦେବାକୁ କହୁଛନ୍ତି। ଏ ନେଇ କାଉନସିଲ ବୈଠକରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି। ହେଲେ ନିର୍ମାଣ କାର୍ଯ୍ୟ ବନ୍ଦ କରିବେ ନାହିଁ ବୋଲି ଅଡି ବସିଛନ୍ତି। ଏଭଳିସ୍ଥିତିରେ ସମ୍ପୃକ୍ତ ଜମି କଇଥଗାଡିଆ ଗ୍ରାମବାସୀଙ୍କର। ଏ ନେଇ ବାରମ୍ବାର ଲିଖିତ ଅଭିଯୋଗ ମ୍ୟୁନିସିପାଲିଟିକୁ ଦିଆଯାଇଛି। କୌଣସି ପରିସ୍ଥିତିରେ ସେମାନେ ଓ ପଞ୍ଚାୟତ ମଧ ଜମି ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରିବ ନାହିଁ। ଏ ନେଇ ଶନିବାର ଗାଁରେ ସଭା ବସି ନିଷ୍ପତ୍ତି ନିଆଯିବ। ଗାଁ ନିଷ୍ପତ୍ତି ପରେ ଆନ୍ଦୋଳନ ତ୍ୱରାନ୍ୱିତ ହେବ ବୋଲି ଗ୍ରାମବାସୀ କହିଛନ୍ତି। ଆଇନଜୀବୀ ରଣଜିତ ଦାଶ କୁହନ୍ତି, ଗୁଣ୍ଡୁରି ପଡିଆ କଇଥଗାଡିଆ ଗାଁ ଦଖଲରେ ରହିଛି। ନୟାଗଡ଼ ମ୍ୟୁନିସିପାଲିଟି ହେବା ପରେ ଏହାର ଏରିଆ ବଢ଼ିଛି। ସମ୍ପୃକ୍ତ ପଡିଆ ମ୍ୟୁନିସିପାଲିଟି ନିଜର ବୋଲି ଦାବି କରୁଛି। ଏ ନେଇ ହାଇକୋର୍ଟ ରହିତାଦେଶ ଉଠିଥିଲା। କୋର୍ଟ ନିଷ୍ପତ୍ତି ଥିଲା ଗାଁଲୋକଙ୍କ ଅଭିଯୋଗ ଶୁଣି ପଦକ୍ଷେପ ନିଅ। ହେଲେ ଅଭିଯୋଗ ଶୁଣାଣି ନ କରି ମ୍ୟୁନିସିପାଲିଟି ଅଧିକାର ସାବ୍ୟସ୍ତ କରୁଛି। ପ୍ରଶ୍ନ ଉଠୁଛି ନୟାଗଡ଼ ସହରର ୧୧ ନଂ. ୱାର୍ଡର ବାରମାସି ଦଣ୍ଡାରେ ଲେଙ୍କୁଡ଼ିପଡ଼ା ପଞ୍ଚାୟତର କଲ୍ୟାଣମଣ୍ଡପ ରହିଛି। ନୟାଗଡ଼ ସହର ଭିତରେ ପଞ୍ଚାୟତ କିପରି କଲ୍ୟାଣମଣ୍ଡପ କରି ରୋଜଗାର କରୁଛି ସେନେଇ ପଦକ୍ଷେପ କାହିଁକି ନେଉ ନାହାନ୍ତି। ଗୁଣ୍ଡୁରି ପଡିଆ ଉପରେ ପ୍ରଶାସନର ନଜର କାହିଁକି ବୋଲି ସେ କହିଛନ୍ତି। ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର କୁହନ୍ତି, କଇଥଗାଡିଆ ଗାଁଲୋକଙ୍କର ଯାହା ଆପତ୍ତି ଅଭିଯୋଗ ଅଛି ଲିଖିତ ଭାବେ ଦିଅନ୍ତୁ। ଏ ନେଇ କାଉନସିଲ ବୈଠକରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ତେବେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇପାରିବନି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ସହର ଭିତରେ ଲେଙ୍କୁଡିପଡା କଲ୍ୟାଣମଣ୍ଡପ ନେଇ କହିଥିଲେ, ଏହା ମ୍ୟୁନିସିପାଲିଟି ହେବା ପୂର୍ବରୁ ନିର୍ମାଣ ହୋଇଛି। ଏ ନେଇ ଯାହା କାଉନସିଲ ବୈଠକ ପଦକ୍ଷେପ ନେଇପାରେ।



କଇଥଗାଡ଼ିଆ ଗ୍ରାମବାସୀ ମ୍ୟୁନିସିପାଲିଟି ଅଫିସ୍ ସମ୍ମୁଖରେ ଧାରଣା ଦେଇଛନ୍ତି।